**ସଂକ୍ଷେପରେ**

## ୭ ଶ୍ରେଣୀକୁ ୨ ଶ୍ରେଣୀ ଗୃହ, ୩ ଶିକ୍ଷକ

ଜରିବାଙ୍କ ସରକାରୀ ଉପ୍ରା ବିଦ୍ୟାଳୟ

ସିଂହପୁର,୧୭(ଅନଙ୍ଗ ଉଦୟ ବେଉରିଆ):

ଯାଜପୁର ଜିଲା ବିଂଝାରପୁର ବ୍ଲକ ଜରି ପଞ୍ଚାୟତ ଜରିବାଙ୍କ ସରକାରୀ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ଓ ଗୃହ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି । ୧୯୬୭ରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ଭିତରେ ଚାଲଛି । ୫୭ ବର୍ଷର ବିଦ୍ୟାଳୟ ହୋଇଥିଲେ ମଧ୍ୟ ଉପରୋକ୍ତ ସମସ୍ୟା ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି । ୧୭୦ ଛାତ୍ରୀଛାତ୍ର ଦୁଇଟି ଶ୍ରେଣୀଗୃହରେ ପ୍ରଧାନଶିକ୍ଷକଙ୍କ ସହିତ ୨ ଜଣ ଶିକ୍ଷକଙ୍କୁ ନେଇ ଚାଲିଛି । ଗୋଟିଏ ଶ୍ରେଣୀଗୃହରେ ୩ ଶ୍ରେଣୀର ପିଲା ପାଠ ପଢୁଛନ୍ତି । ଅଧିକ ଶିକ୍ଷକ ପାଇଁ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଅଧିକାରୀଙ୍କ ଅବହେଳା ଯୋଗୁ ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟରେ ପାଠ ପଢ଼ାଇବା ଦୂରର କଥା ପିଲାକୁ ଜଗିବା କଷ୍ଟକର ହେଉଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲିକ ବିଂଝାରପୁର ବିଇଓଙ୍କୁ ଏ ସଂକ୍ରାନ୍ତରେ ବାରମ୍ବାର ଅବଗତ କରିଛନ୍ତି । ହେଲେ ଶିକ୍ଷକ ସମସ୍ୟା ଦୂର ହେଉ ନାହିଁ । ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ କହନ୍ତି, ତୁରନ୍ତ ଏହି ବିଦ୍ୟାଳୟରେ ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ।

## ନୂଆ ଆଇନ ଉପରେ ସଚେତନତା କର୍ମଶାଳା

ଛତିଆ,୧୭(ସୌମ୍ୟ ରଞ୍ଜନ ସାହୁ):

ଦେଶରେ ନୂଆ ଆଇନ ପ୍ରଚଳନ ଉପରେ ଏକ ସଚେତନତା କର୍ମଶାଳା ଯାଜପୁର ଜିଲା ବୈରୀ ଥାନା ପରିସରରେ ଥାନାଧିକାରୀ ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୁଦ୍ଧିଜୀବୀ, ଜନପ୍ରତିନିଧି, ଖବରଦାତା ଓ ପୋଲିସ କର୍ମଚାରୀମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଶେଷକରି ସାଧାରଣ ଲୋକଟିଏ ପୋଲିସଠାରୁ କିପରି ସହଜ ଆଉ ସୁବିଧାରେ ନ୍ୟାୟ ପାଇ ପାରିବେ ସେ ନେଇ ଥାନା ଅଧିକାରୀ ନାୟକ ସୂଚନା ଦେଇଥିଲେ । ଡିଜିଟାଲ ଏଫଆଇଆର, ଦୁର୍ଘଟଣା ଜନିତ ମାମଲା ଆଦିରେ ପୋଲିସର ପ୍ରାଥମିକ ତଦନ୍ତ ପ୍ରକ୍ରିୟା ସରଳ ଓ ସହଜ ହେବା ସହ ଦୋଷୀକୁ ଦଣ୍ଡବିଧି ବାବଦରେ ଛତିଆ ବିଟ୍ ହାଉସ ଅଧିକାରୀ ମହେନ୍ଦ୍ର ସେଠୀ ସୂଚନା ଦେଇଥିଲେ । ସୋମବାର ଦେଶରେ ପ୍ରଚଳିତ ୩ ନୂଆ ଆଇନର ମୁଖ୍ୟ ଉଦ୍ଦେଶ୍ୟ ହେଲା ତଦନ୍ତ ପ୍ରକ୍ରିୟା ଶୀଘ୍ର ହେବ, ମହିଳା ଓ ଶିଶୁଙ୍କ ସମ୍ପର୍କିତ ମାମଲାରେ ବିଚାର ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ । ଛୋଟ ମାମଲାରେ ଦୋଷୀକୁ ସାମାଜିକ ଶିକ୍ଷଣୀୟ ଦଣ୍ଡ ବିଧାନ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଏସ୍‌ଆଇ ସ୍ନେହଲତା ଗିରି କହିଥିଲେ । ତେବେ ଲାଗୁ ହୋଇଥିବା ଏହି ୩ ଆଇନ ବାବଦରେ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ଆହୁରି ଆଲୋଚନା ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଥିଲା ।

# ଅନୁଦାନ ଆସିଛି, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେଉନି

ବରୀ,୧୭(ମହେନ୍ଦ୍ର ସ୍ୱାଇଁ)

ଯାଜପୁର ଜିଲା ବରୀ ବ୍ଲକ ମହିଳା ଓ ଶିଶୁ ବିକାଶ କେନ୍ଦ୍ର ଅଧୀନରେ ମୋଟ ୨୫୧ ଅଙ୍ଗନୱାଡି କେନ୍ଦ୍ର ରହିଛି । ସେଥିମଧ୍ୟରୁ ୧୦୯ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ ହେଉଛି । ଅବଶିଷ୍ଟ ଅର୍ଥାତ୍ ୧୪୨ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇପାରିନାହିଁ । ଫଳରେ ଅଙ୍ଗନୱାଡି କର୍ମୀମାନେ ପିଲାମାନଙ୍କୁ ସେମାନେ ଘରେ କିମ୍ବା ନିକଟସ୍ଥ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଅଭିଯୋଗ ହୋଇଛି । ଅପରପକ୍ଷେ ଉପରୋକ୍ତ ୧୪୨ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ସରକାରଙ୍କ ତରଫରୁ ଅନୁଦାନ ଆସିଛି । ହେଲେ ପ୍ରଶାସନିକ ଅବହେଳା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଯୋଗୁ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ ବୋଲି ସୂଚନା ମିଳିଛି । ଏଥିଯୋଗୁ କୋମଳମତି

**ଭିତ୍ତିଭୂମି ଅଭାବ ଯୋଗୁ ଶିକ୍ଷାଦାନ ବାଧାପ୍ରାପ୍ତ**



ପିଲାମାନେ କେତେକ ବିପଦପୂର୍ଣ୍ଣ ସ୍ଥାନରେ ବସି ଶିକ୍ଷା ଗ୍ରହଣ କରୁଥିବା ଦେଖିବାକୁ ମିଳିଛି । ସରକାରଙ୍କ ତରଫରୁ ଅଙ୍ଗନୱାଡି ଗୃହ ନିର୍ମାଣ ନିମନ୍ତେ ଅନୁଦାନ ଆସିଥିଲେ ମଧ୍ୟ କାହିଁକି ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯାଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟପକ୍ଷେ ଠିକାଦାର ନିର୍ମାଣାଧୀନ ଗୃହକୁ ହସ୍ତାନ୍ତର ନ କରିବା ବି ସମସ୍ୟା ସୃଷ୍ଟି କରିଛି । ଏବେ ବର୍ଷାଋତୁ ଆରମ୍ଭ ହୋଇଛି । ଛୋଟ ଛୋଟ ପିଲାମାନେ ଅଙ୍ଗନୱାଡି କେନ୍ଦ୍ର ନ ଥିବା ସ୍ଥାନରେ କି ଭଳି ଶିକ୍ଷା ଗ୍ରହଣ କରୁଛନ୍ତି ସେ ସଂକ୍ରାନ୍ତରେ କାହାର ନଜର ନାହିଁ । ବିଭାଗୀୟ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ସୂଚନାଯୋଗ୍ୟ, ବ୍ଲକ ଶିଶୁ ବିକାଶ ଯୋଜନାର ୨୫୧ ଅଙ୍ଗନୱାଡି କେନ୍ଦ୍ରକୁ ୧୦ଟି ସେକ୍ଟରରେ ବିଭକ୍ତ କରାଯାଇଛି । ୧୦ ସେକ୍ଟର ଅଧିକାରୀଙ୍କ ପରିବର୍ତ୍ତେ ୫ ଜଣ ସେକ୍ଟର ଅଧିକାରୀ କାର୍ଯ୍ୟରତ ଥିବାରୁ ସେମାନେ ସେମାନଙ୍କ ଦାୟିତ୍ୱ ଠିକ୍ ଭାବେ ତୁଲାଇ ପାରୁ ନାହାନ୍ତି ବୋଲି ଜଣେ ସୁପରଭାଇଜର କହିଛନ୍ତି । ଏ ସଂକ୍ରାନ୍ତରେ ବରୀ ମହିଳା ଶିଶୁ ବିକାଶ ଅଧିକାରୀ ସଙ୍ଗୀତା ଏଡ଼ାଙ୍କୁ ପଚାରିବାର ସେ କୁହନ୍ତି, କୋମଳମତି ଶିଶୁଙ୍କୁ ନିରାପଦ ସ୍ଥାନରେ ଶିକ୍ଷାଦାନ ପାଇଁ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ । ଯେଉଁ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ ନିଜ ଦାୟିତ୍ୱ ନିର୍ବାହ କରିବାରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷେ ଅବଶିଷ୍ଟ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଉପରେ ଗୁରୁତ୍ୱ ଦିଆଯିବ ।

# କଟକର ସମସ୍ତ ବେଆଇନ ହସ୍ପିଟାଲ ବନ୍ଦ ପାଇଁ ନିର୍ଦ୍ଦେଶ

କଟକ,୧୭ (କାର୍ତ୍ତିକ ସାହୁ)

**ରୋଗୀ ମୃତ୍ୟୁକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ମାମଲା**

କଟକରେ ବିନା ରେଜିଷ୍ଟ୍ରେଶନରେ ଚାଲିଥିବା ଏକ ନିର୍ଦ୍ଦିଷ୍ଟ ହସ୍ପିଟାଲ ସମେତ ଅନ୍ୟ କେତେକ ହସ୍ପିଟାଲକୁ ତୁରନ୍ତ ବନ୍ଦ କରିବାକୁ ଜାତୀୟ ମାନବିକ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ଦ୍ଦିଷ୍ଟ ହସ୍ପିଟାଲକୁ ବନ୍ଦ କରିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ କେବଳ ଚିଠି ଲେଖି ବସିପଡ଼ିଥିବାରୁ କମିଶନ କ୍ଷୋଭ ପ୍ରକାଶ କରିଛନ୍ତି । ଚିକିତ୍ସା ଅବହେଳାରୁ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଏନ୍‌ଏଚ୍‌ଆର୍‌ସିରେ ଏହି ମାମଲା ରୁଜୁ ହୋଇଛି ।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଜିଲା ମଙ୍ଗଳପୁର ଥାନା ଅନ୍ତର୍ଗତ ବାବଲପୁରର କିଶୋର ଚନ୍ଦ୍ର ଦାଶ(୪୭) ସାମାନ୍ୟ ଦୁର୍ଘଟଣାର ଶିକାର ହୋଇ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ୨୦୨୧ ଜୁଲାଇ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ତାଙ୍କର ଚିକିତ୍ସା ଚାଲିଥିଲା । ପ୍ରଥମ ଟେଷ୍ଟରେ ରୋଗୀଙ୍କର କୋଭିଡ୍ ନ ଥିବା ଜଣାପଡ଼ିଥିଲା । ମାତ୍ର ଦୁଇଦିନ ପରେ ତାଙ୍କୁ କୋଭିଡ୍ ହୋଇଛି ବୋଲି କହି ଡାକ୍ତରମାନେ ଛୁଇଁ ନ ଥିଲେ । ଫଳରେ ଚିକିତ୍ସା ଅବହେଳାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ । ଅପରପକ୍ଷରେ ଏହି ହସ୍ପିଟାଲ ବିନା ରେଜିଷ୍ଟ୍ରେଶନରେ ଚାଲୁଥିବା ଜଣାପଡ଼ିଥିଲା । ଏହାର ରେଜିଷ୍ଟ୍ରେଶନର ଅବଧି ୨୦୧୫ରୁ ଶେଷ ହୋଇଯାଇଥିଲା । ଏହି ମାମଲାକୁ ନେଇ ହାଇକୋର୍ଟ ଆଇନଜୀବୀ ନିଶିକାନ୍ତ ମିଶ୍ର ଓ ଶ୍ରୀ ଅଖଣ୍ଡ ମିଳିତ ଭାବେ ଏନ୍‌ଏଚ୍‌ଆର୍‌ସିରେ ମାମଲା ଦାଏର କରିଥିଲେ । ସ୍ୱାସ୍ଥ୍ୟ ବିଭାଗ ଏକ କମିଟି ଗଠନ କରି ଏହାର ଅନୁସନ୍ଧାନ କରିଥିଲା । ତେବେ ଏହି କମିଟି କିଶୋରଙ୍କ ଚିକିତ୍ସାରେ ଅବହେଳା ହୋଇ ନ ଥିବା ରିପୋର୍ଟ ଦେଇଥିଲା । ମାତ୍ର ଉକ୍ତ ହସ୍ପିଟାଲର ରେଜିଷ୍ଟ୍ରେଶନ ଅବଧି ୨୦୧୫ରୁ ଶେଷ ହୋଇଯାଇଥିବା ଓ ଏହାର ଅଗ୍ନି ନିରାପତ୍ତା ସାର୍ଟିଫିକେଟ୍ ନ ଥିବା ରିପୋର୍ଟରେ ଦର୍ଶାଯାଇଥିଲା । ହାଇକୋର୍ଟରେ ମାମଲା ବିଚାରାଧୀନ ଥିବାରୁ ଉକ୍ତ ହସ୍ପିଟାଲ ସମେତ ଅନ୍ୟ ୧୧ଟି ହସ୍ପିଟାଲ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ହେଉନାହିଁ ବୋଲି ଦର୍ଶାଇଥିଲେ । କିନ୍ତୁ ଆବେଦନକାରୀ କମିଶନଙ୍କୁ ଅବଗତ କରାଇଥିଲେ, ହାଇକୋର୍ଟରେ ଏ ସଂକ୍ରାନ୍ତୀୟ ମାମଲା ବନ୍ଦ ହୋଇସାରିଛି । ଏହାପରେ କମିଶନ ଏହି ହସ୍ପିଟାଲ ସମେତ ଅନ୍ୟ ହସ୍ପିଟାଲକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଉକ୍ତ ହସ୍ପିଟାଲରେ କୌଣସି ରୋଗୀଙ୍କୁ ଆଡ୍‌ମିଶନ ନ କରିବା, ଯଦି କୌଣସି ରୋଗୀ ଏଠାରେ ଥାନ୍ତି ସେମାନଙ୍କୁ ଅନ୍ୟ କୌଣସି ହସ୍ପିଟାଲକୁ ସ୍ଥାନାନ୍ତର କରି ଉକ୍ତ ହସ୍ପିଟାଲକୁ ତୁରନ୍ତ ବନ୍ଦ କରିବା ପାଇଁ କମିଶନ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକ୍ରିୟାରେ ଯେପରି କୌଣସି ରୋଗୀ ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।

# ବ୍ୟାସ ସରୋବରରୁ ମୋରମ୍ ଲୁଟ୍ ଅଣାୟତ୍ତ

**ଜଙ୍ଗଲ ଜମିରେ ଚାଲିଛି ଦିନରାତି ଖନନ**

ଯାଜପୁରରୋଡ଼,୧୭(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ଜିଲାର ପୁରାଣ ପ୍ରସିଦ୍ଧ ବ୍ୟାସ ସରୋବର ପୀଠ ଅଞ୍ଚଳର ୫୦ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମିରୁ ଦିନରାତି ମୋରମ ଲୁଟ୍ ଏବେ ଅଣାୟତ୍ତ ହୋଇଛି । ନିକଟରେ ଜଗନ୍ନାଥ ମନ୍ଦିର ସହ ଅନ୍ୟାନ୍ୟ ଅଞ୍ଚଳରେ ବ୍ୟାପକ ଚାରାରୋପଣ କରାଯାଇଛି । ହେଲେ ଚାରାରୋପଣକୁ ଅଣଦେଖା କରି ଏହି ପର୍ଯ୍ୟଟନ କ୍ଷେତ୍ର ଏବେ ମୋରମ ମାଫିଆଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ବଡ଼ ବଡ଼ ମେଶିନ ଲଗାଇ ଦୈନିକ ହାଇୱା ସାହାଯ୍ୟରେ ଶହ ଶହ ଟ୍ରିପ୍ ମୋରମ ଚାଲାଣ ହେଉଛି । ଫଳରେ ସେଠାରେ କେତେକ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ଗର୍ତ୍ତ ଗୁଡ଼ିକର ଗଭୀରତା ୮ ଫୁଟରୁ ଅଧିକ ହେବ । ଫଳରେ ଗୋରୁଙ୍କ ଚରାଭୂମି ସଙ୍କୁଚିତ ହେବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ଘନେଇଛି । ନିକଟରେ ପୌର ପରିଷଦର ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ ମଧ୍ୟ ରହିଛି । ହେଲେ ଜଙ୍ଗଲ କିସମ ଏହି



ଲୁଟ୍ ହେଉଥିବା ମୋରମ୍ ।

ଜମିରୁ ବିନା ଲିଜ୍‌ରେ ମୋରମ୍ ଉତ୍ତୋଳନ ଚାଲିଥିଲେ ହେଁ କାହାରିକୁ ଏହା ଦେଖାଯାଉ ନାହିଁ । ନିକଟରେ ଯାଇଥିବା ରେଳଲାଇନ ସମ୍ପ୍ରସାରଣ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଏହି ଲୁଟ୍ ମୋରମ ଯୋଗାଇ ଦିଆଯାଉଛି । ଏହାଦ୍ୱାରା ମୋରମ ମାଫିଆମାନେ ବିପୁଳ ଟଙ୍କା ଲାଭ ପାଉଥିବାବେଳେ ସରକାରଙ୍କ ରାଜସ୍ୱ ହାନି ଘଟୁଛି । ଜିଲା ପ୍ରଶାସନ ଜାଣତରେ ଏହି ବେନିୟମ କାର୍ଯ୍ୟ ଚାଲିଥିବା ସାଧାରଣରେ ଅଭିଯୋଗ ହେଉଛି । ଏ ସମ୍ପର୍କରେ ବ୍ୟାସନଗର ତହସିଲଦାର ଦେବାଶିଷ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି, ରାଜସ୍ୱ ବିଭାଗ ହାତରୁ ଲଘୁ ଖଣିଜ ଦ୍ରବ୍ୟ ଯଥା ମୋରମ୍, କଳାପଥର, ବାଲି, ମାଟି ପ୍ରଭୃତି ପରିଚାଳନା ଖଣି ବିଭାଗକୁ ହସ୍ତାନ୍ତର ହୋଇସାରିଛି । ଏଥିପାଇଁ ଲଘୁ ଖଣିଜ ପଦାର୍ଥ ଉପନିର୍ଦ୍ଦେଶକ ନିଯୁକ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି । ତେବେ ଏହି ବିଭାଗ କାର୍ଯ୍ୟାଳୟ ଜିଲାର ସଦର ମହକୁମାରେ କାର୍ଯ୍ୟ କରୁଛି । ଏହାର ସୁଯୋଗ ନେଇ ମାଫିଆମାନେ ମୋରମ ଲୁଟ ଜାରି ରଖିଛନ୍ତି ବୋଲି ମତପ୍ରକାଶ ପାଇଛି ।

## ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କଲେ ଛାତ୍ରୀଛାତ୍ର

ବରୀ,୧୭(ମହେନ୍ଦ୍ର ସ୍ୱାଇଁ) :

ବରୀ ଶିକ୍ଷା ମଣ୍ଡଳ ଅଧୀନ ବାଲିଆପାଳ ବିଧାନ ଚନ୍ଦ୍ର ଏକାଡେମୀର ପ୍ରଧାନଶିକ୍ଷକ ସୀତାକାନ୍ତ ପଣ୍ଡାଙ୍କୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସଭାରେ ମୁଖ୍ୟଅତିଥି ଭାବେ ଡାକ୍ତର ରାଜ କିଶୋର ପଣ୍ଡା ଯୋଗଦେଇଥିଲେ । ସହକାରୀ ଶିକ୍ଷୟିତ୍ରୀ ବିନ୍ଦୁଶ୍ରୀ ମହାନ୍ତି ସଭାପତିତ୍ୱ କରିଥିଲେ । ସହକାରୀ ଶିକ୍ଷକ ଯତିକୃଷ୍ଣ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦାମୋଦର ବେହେରା ଯୋଗଦେଇ ପ୍ରଧାନ ଶିକ୍ଷକଙ୍କ ଶିକ୍ଷାଦାନ ଓ ନୀତିଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଧିକାରୀ ଭିକାରୀ ଚରଣ କବି, ଶିକ୍ଷାବିତ୍ ରଜନୀକାନ୍ତ ପୃଷ୍ଟି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସୁଶାନ୍ତ କୁମାର ବିଶ୍ୱାଳ ଯୋଗଦେଇ ଥିଲେ । ପ୍ରଧାନଶିକ୍ଷକ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ବିଥିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ ସୁରକ୍ଷା ସପ୍ତାହ ପାଳିତ




ବିଧାୟକ ସ୍କୁଲ ପରିସରରେ ଚାରା ରୋପଣ କରୁଛନ୍ତି ।

ଚଣ୍ଡିଖୋଲ,୧୭(ପ୍ରଦୀପ୍ତ କୁମାର ପୃଷ୍ଟି):

ଜୁଲାଇ ୧ ରୁ ବନ ସୁରକ୍ଷା ସପ୍ତାହ ଆରମ୍ଭ ଅବସରରେ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନ ମଣ୍ଡଳସ୍ଥିତ ହୋଲି ଜେଶସ ବିଦ୍ୟାଳୟ ପରିସରରେ ବନ ସୁରକ୍ଷା ସପ୍ତାହ ପାଳନ ଆରମ୍ଭ ହୋଇଛି । ବଡ଼ଚଣା ବିଧାୟକ ଅମର କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହିତ ବୃକ୍ଷ ହିଁ ଜୀବନ ବୋଲି କହିଥିଲେ । ୨୦୦୦ ପରେ ପୃଥିବୀରେ ଯେଉଁ ହିଟ୍‌ୱେଭ ଦେଖାଦେଲା ତାହା ମଣିଷ ସମାଜ ପାଇଁ ଚିନ୍ତାର କାରଣ ପାଲଟିଲା । ସମ୍ପତ୍ତି ଆହରଣର ନିଶା ଯୋଗୁ ଚାରିଆଡ଼େ କଂକ୍ରିଟ ଜଙ୍ଗଲ ତିଆରି ଚାଲିଲା । ଯଦ୍ୱାରା ଲକ୍ଷାଧିକ ବୃକ୍ଷ ଧ୍ୱଂସ ପାଇଲା । ଆସନ୍ତାକାଲିର ସମାଜ ବଞ୍ଚିବାକୁ ହେଲେ ଚାରା ରୋପଣ ସବୁସ୍ତରରେ ହେବାର ଆବଶ୍ୟକତା ଅଛି ବୋଲି ବିଧାୟକ କହିଥିଲେ । ବିଦ୍ୟାଳୟର ଅଧକ୍ଷା କାମିନୀ ନାୟକ କହିଲେ, ବହୁ ଦିନରୁ ଚାରା ରୋପଣ କରି ଆମ ବିଦ୍ୟାଳୟ ପ୍ରକୃତି ମିତ୍ର ପୁରସ୍କାର ଲାଭ କରିଛି । ଆଜିର ତାପମାତ୍ରା ବୃଦ୍ଧିର କାରଣ ହୋଇଛି ଜଙ୍ଗଲ ଧ୍ୱଂସ । କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁଭାଷିନୀ ମଳିକ । ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସଚେତନତା ବାର୍ତ୍ତା ସହିତ ପରିବେଶ ସମ୍ପର୍କିତ ନୃତ୍ୟ ଗୀତ ପରିବେଷଣ କରିଥିଲେ । ପ୍ରଥମେ ବିଧାୟକ ବିଦ୍ୟାଳୟ ପରିସରରେ ଚାରା ରୋପଣ କରି ଉକ୍ତ କାର୍ଯକ୍ରମକୁ ଉଦଘାଟନ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ପୋଲିସ କବ୍‌ଜାରେ ଅଭିଯୁକ୍ତ

- ଟଙ୍କା ଫେରି ପାଇବା ପାଇଁ ଥାନା ଘେରିଲେ ମହିଳା
- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ଘଟଣା

ଯାଜପୁର ଟାଉନ,୧୭ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି) :

ଜଣେ ଯୁବକ ପ୍ରଲୋଭନ ଦେଖାଇ ଶତାଧିକ ମହିଳାଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିନେଇଥିବା ଅଭିଯୋଗ ହୋଇଥିଲା । ସମ୍ପୃକ୍ତ ମହିଳାମାନେ ଜିଲା ପ୍ରଶାସନ ଓ ପୋଲିସର ଦ୍ୱାରସ୍ଥ ହୋଇଥିଲେ । ଯାଜପୁର ଟାଉନ୍ ଥାନା ଅଧିକାରୀ ବିଳ୍ପମଙ୍ଗଳ ସେଠୀ ଏହି ଠକେଇ ଘଟଣାର ମୁଖ୍ୟ କୁହାଯାଉଥିବା ତାଡ଼ଁତରା ଅଞ୍ଚଳର ଶୁଭକାନ୍ତ ମିଶ୍ରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି । ଏହି ଖବର ଜଣାପଡିବା ପରେ ମହିଳାମାନେ ସୋମବାର ଥାନା ଘେରାଉ



ମହିଳାମାନେ ଥାନା ଘେରାଉ କରିଛନ୍ତି ।

କରିବା ସହ ସେମାନଙ୍କ ଟଙ୍କା କିପରି ଫେରି ପାଇବେ ତା'ର ବ୍ୟବସ୍ଥା କରିବାକୁ ପୋଲିସକୁ ଅନୁରୋଧ କରିଥିଲେ । ପରିସ୍ଥିତିକୁ ଦେଖି ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କା ମହିଳାମାନଙ୍କୁ ବୁଝାଶୁଝା କରିବା ସହ ଘଟଣାର ତଦନ୍ତ ଚାଲିଛି, ସମସ୍ତଙ୍କୁ ନ୍ୟାୟ ମିଳିବ ବୋଲି କହିଥିଲେ ।

ସୂଚନାଯୋଗ୍ୟ, ଯାଜପୁର ଟାଉନ ଥାନା ଅଞ୍ଚଳର ଶତାଧିକ ମହିଳା ଋଣ କରି ଶୁଭକାନ୍ତଙ୍କୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଦେଇଥିଲେ । ସେ ମହିଳାଙ୍କ କିସ୍ତି ବାବଦ ଅର୍ଥ ଶୁଝିବା ଓ ମାସକୁ ୬୫୦ଟଙ୍କା ଦେବା ସହ ୫ଖଣ୍ଡ ଶାଢ଼ି ଦିଆଯିବ ବୋଲି କହିଥିଲେ । ଏପରି କି ଯଦି ଜଣେ ମହିଳା ୧ଲକ୍ଷ ଟଙ୍କା ଦେବେ ତାଙ୍କୁ ୧୦ହଜାର ଟଙ୍କା ପୁରସ୍କାର ଦିଆଯିବ ବୋଲି କହିଥିଲେ । ଏମିତି କିଛିମାସ ଚାଲିବା ପରେ ଶୁଭକାନ୍ତ ନିଜ ହାତରୁ କିସ୍ତି ଶୁଝିବା ପାଇଁ ମହିଳାମାନଙ୍କୁ କହିବା ସହ ଫେରାର ହୋଇଯାଇଥିଲେ । ପୋଲିସ ଶୁଭକାନ୍ତଙ୍କୁ ଥାନାକୁ ଆଣି ଏହି ଘଟଣାର ତଦନ୍ତ କରୁଛି ।

## ଶାଳ ଜଙ୍ଗଲରୁ ମୋରମ ଲୁଟ୍, ୩ ଟ୍ରକ ଜବତ



କଳିଙ୍ଗନଗର,୧୭(ଶୁଭାଶିଷ ରାଉତ)

ଦାନଗଦୀ ତହସିଲ ଅନ୍ତର୍ଗତ ତରାଇଲୋ ମୌଜାର ଖାତା ନମ୍ବର ୩୦୪ ପ୍ଲଟ ନମ୍ବର ୨୮୮୨ରେ ମୋଟ ୧.୯୪୦ ଏକର ରକ୍ଷିତ ଶାଳ ଜଙ୍ଗଲ ଜମି ରହିଥିବା ବେଳେ ଏହି ଜମିରୁ ସବୁଦିନ ରାତିରେ ଚୋରାରେ ଚାଲାଣ ହେଉଛି ମୋରମ । ବଡ ହିଟାଚି ମେଶିନ ଲଗାଇ ତରାଇଲେ ଗ୍ରାମର ୩ଜଣ ବ୍ୟକ୍ତି ହରିଲୁଟ ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଠାରୁ ଲୁଟ ହେଉଥିବା ମୋରମକୁ ଏକାଧିକ ହାଇୱା ଟ୍ରକରେ ବୋଝେଇ କରାଯାଇ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ରାସ୍ତାରେ ଭଦ୍ରକ ଜିଲାକୁ ଚାଲାଣ କରାଯାଉଛି । ରାତି ଅଧିଆ ଚୋରା ମୋରମ ଚାଲାଣ ହେଉଥିଲେ ବି ଟମ୍‌କା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇନାହିଁ । ରାତିରେ ଶାଳ ଜଙ୍ଗଲରେ ମୋରମ ଲେଉଟିବା ସମୟରେ ଶାଳଗଛ ନଷ୍ଟ ହେଉଛି । ରବିବାର ରାତିରେ ଚୋରା ମୋରମ ଚାଲାଣ ବେଳେ ପୋଲିସ ଓଡି ୦୪ ସି ୯୭୧୯, ଓଡି ୨୨ ଯେ୧୧୭୭,ଓଡି ୨୨ଆର ୨୧୩୫ ୩ଟି ହାଇୱା ଟ୍ରକକୁ ରାମଚନ୍ଦ୍ରପୁର ଥାନା ପୋଲିସ ଅଟକ ରଖିଛି । ଏ ନେଇ ଲଘୁ ଖଣିଜ ସମ୍ପଦ ସୁରକ୍ଷା ଦାୟିତ୍ୱରେ ରହିଥିବା ଯାଜପୁର ସର୍କଲ ଡିଡିଏମ୍ ଜୟପ୍ରକାଶ ନାୟକଙ୍କୁ ପଚାରିବାରୁ ସେ ଏହା ଉପରେ ତଦନ୍ତ କରିବେ ବୋଲି କହିଛନ୍ତି ।

# ଖଣି ଅଞ୍ଚଳରୁ ହଟୁଛି ଘଡ଼େଇ ପରିବାରର ପତିଆରା

କାଳିଆପାଣି,୧୭(ଅସିତ୍ ମହନ୍ତ)

- ଶ୍ରମିକ ସଂଘର ବନ୍ଦ ଡାକରାକୁ ମିଳିଲାନି ସମର୍ଥନ
- ଲଗାମ କଷିଲା ପ୍ରଶାସନ

ଶ୍ରମିକ ସଂଘ (ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ବା ଏସ୍‌ଆର୍‌ସିକେଏମ୍‌ଏସ୍) ପକ୍ଷରୁ କାଳିଆପାଣି ଖଣି ଅଞ୍ଚଳରେ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବାବେଳେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଲାଗୁ କରାଯାଇ ତାହା ଉପରେ ଲଗାମ ଲଗାଯାଇଛି । ନିର୍ବାଚନ ପରେ ସୁକିନ୍ଦା ଖଣି ଅଞ୍ଚଳର କେତେକ ସ୍ଥାନରେ ଗଣ୍ଡଗୋଳ ହୋଇଥିବାବେଳେ ଶ୍ରମିକ ସଂଘ ସଦସ୍ୟ ଭରତ ମହାନ୍ତଙ୍କ ସହ କେତେଜଣ ଯୁବକଙ୍କ ଗଣ୍ଡଗୋଳ ହୋଇଥିଲା । ଏହାକୁ ନେଇ ଖଣି ଅଞ୍ଚଳରେ ଉତ୍ତେଜନା ଲାଗି ରହିଥିବା ବେଳେ ଶ୍ରମିକ ସଂଘ ପକ୍ଷରୁ ଜୁଲାଇ ୧ରେ ଖଣି ଅଞ୍ଚଳ ବନ୍ଦ ଡାକରା ଦିଆଯାଇଥିଲା । ହେଲେ ଶ୍ରମିକମାନେ କାର୍ଯ୍ୟ କରିବାକୁ ଖଣିକୁ ଆସିଥିବାବେଳେ ସେମାନେ ଆନ୍ଦୋଳନରେ ସାମିଲ ହୋଇ ନ ଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକଙ୍କ ମଧ୍ୟ ସମର୍ଥନ ମିଳି ନ ଥିଲା । ଏଥିରୁ ଖଣି ଅଞ୍ଚଳରୁ ଘଡ଼େଇ ପରିବାରର ପତିଆରା କ୍ରମଶଃ ହଟୁଥିବା ଆଲୋଚନା ହେଉଛି ।

ଏକଦା ଶ୍ରମିକ ସଂଘ କଥାରେ କାଳିଆପାଣି ଖଣି ଅଞ୍ଚଳ ଚାଲିଥିଲା । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଏବଂ ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡେଇଙ୍କ ଗଡ଼ ଭାବେ କାଳିଆପାଣି ଖଣି ଅଞ୍ଚଳ ପରିଚିତ ଥିଲା । ଏବେ ଏଠାରେ ପିତାପୁତ୍ରଙ୍କୁ ପ୍ରତ୍ୟାଖ୍ୟାନ କରାଯାଉଥିବା ଅନୁଭବ ହେଉଛି । ଉପରୋକ୍ତ ଆନ୍ଦୋଳନକୁ ସମର୍ଥନ ନ ମିଳିବା ଏହାର ଏକ ଉଦାହରଣ ବୋଲି କୁହାଯାଉଛି । ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ସଭାପତି ଥିବା ଶ୍ରମିକ ସଂଘର ବନ୍ଦ ଡାକରାକୁ ଶ୍ରମିକ ଓ ସ୍ଥାନୀୟ ଲୋକେ ପ୍ରତ୍ୟାଖ୍ୟାନ କରିବା ଫଳରେ ଖଣି କାର୍ଯ୍ୟ,



ଦୋକାନ ବଜାର, ଖଣିରୁ ପରିବହନ ସ୍ୱାଭାବିକ ଭାବେ ଚାଲୁ ରହିଥିଲା ।

ଘଟଣାରୁ ପ୍ରକାଶ ଯେ, ୧୯୯୦ରୁ ୨୦୨୪ ଯାଏ ସୁକିନ୍ଦା ନିର୍ବାଚନ ମଣ୍ଡଳୀରୁ ଘଡେଇ ବାପ, ପୁଅ ପ୍ରତିନିଧିତ୍ୱ କରି ବିଭିନ୍ନ ବିଭାଗର ମନ୍ତ୍ରୀ ହୋଇ ଆସୁଥିଲେ । ସେମାନେ ଏହି ଖଣି ଅଞ୍ଚଳର ଏକତରଫା ଭୋଟରେ ୩୪ ବର୍ଷ ଶାସନ କ୍ଷମତାରେ ରହିଥିଲେ । ହେଲେ ୨୦୨୪ ନିର୍ବାଚନରେ ଏଠାକାର ଭୋଟର ସେମାନଙ୍କଠାରୁ ମୁହଁମୋଡ଼ି ନେବାରୁ ଭାଜପା ନେତା ପ୍ରଦୀପ ବଳସାମନ୍ତ ବିଜୟୀ ହୋଇଥିଲେ । ଏହାପରେ ପ୍ରୀତିରଞ୍ଜନ ଓ ତାଙ୍କ ସମର୍ଥକମାନେ ପରାଜୟକୁ ସହଜରେ ଗ୍ରହଣ କରିପାରୁ ନ ଥିବାରୁ ଅଞ୍ଚଳରେ ଗଣ୍ଡଗୋଳ ସୃଷ୍ଟି ହେଉଥିବା ଭାଜପା ନେତାମାନେ ଅଭିଯୋଗ କରୁଛନ୍ତି । ଅନ୍ୟପକ୍ଷରେ ଗତ ୬ ତାରିଖରେ ଏସ୍‌ଆର୍‌ସିକେଏମ୍‌ଏସ୍‌ର ସଦସ୍ୟ ଭରତ ମହାନ୍ତଙ୍କୁ କେତେଜଣ ଭାଜପା କର୍ମୀ ଆକ୍ରମଣ କରିଥିବା ନେଇ କାଳିଆପାଣି ଥାନାରେ ଅଭିଯୋଗ ହୋଇଥିଲା । ଆକ୍ରମଣକାରୀ ଦୁଇଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବାବେଳେ ଆଉ ୧୦ଜଣ କୋର୍ଟରେ ଆତ୍ମସମର୍ପଣ କରି ଜାମିନରେ ଆସିଛନ୍ତି । ତେବେ ଏତଲାକାରୀଙ୍କ ଲିଖିତ ନାମ ଅନୁଯାୟୀ ସବୁ ଅଭିଯୁକ୍ତ କୋର୍ଟରେ ହାଜର ହୋଇ ଜାମିନରେ ଆସିଥିବାବେଳେ ସେମାନଙ୍କୁ ଗିରଫ କରିବା ପାଇଁ ସୋମବାର ବନ୍ଦ ଡାକରା ଦିଆ ଯାଇଥିଲା । ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ଚିନ୍ତା କରି ଖଣି ଅଞ୍ଚଳରେ ୧୪୪ ଧାରା ଲାଗୁ କରିବା ସହ ବ୍ୟାପକ ପୋଲିସ ମୁତୟନ କରି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା । କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସିଲଭରିୟସ ଟପୋ, କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲିକଙ୍କ ସମେତ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ଘଟଣା ଉପରେ ନଜର ରଖିଥିଲେ ।

# ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ସରୁନି

ମାର୍ଶାଘାଇ,୧୭(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ଆଦର୍ଶ ବିଦ୍ୟାଳୟକୁ ପଡିଥିବା ରାସ୍ତା କାଦୁଅ।

- ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟୀ ଭାବେ ଚାଲିଛି
- ବିଦ୍ୟାଳୟକୁ ଭଲ ରାସ୍ତା ନାହିଁ
- ପାଚେରୀ କାମ ସରିନି, ହଷ୍ଟେଲ ସମେତ କ୍ଲାସ ରୁମ ଅଭାବ

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ହିନ୍ଦୁଳିଆ ଗ୍ରାମ ପଞ୍ଚାୟତ ହାଡିଆ ଗ୍ରାମରେ ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟର ନୂତନ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ କଚ୍ଛପଗତିରେ ଚାଲିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାୟୀ ଗୃହ ଅଭାବରୁ ୨୦୨୨ ଜୁନ ୧୭ଠାରୁ ଅସ୍ଥାୟୀ ଭାବେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଦର୍ଶ ବିଦ୍ୟାଳୟ ଷଷ୍ଠ ଶ୍ରେଣୀଠାରୁ ଆରମ୍ଭ ହୋଇ ଚଳିତବର୍ଷ ଅଷ୍ଟମ ଶ୍ରେଣୀ ଖୋଲିଛି। ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା ୩ଟି କ୍ଲାସରେ ୨୪୦ ରହିଛି। ଆସ୍ଥାୟୀ ଭାବେ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲୁଥିବା ଆଦର୍ଶ ବିଦ୍ୟାଳୟ ବର୍ତ୍ତମାନ ତା'ର ନିଜସ୍ୱ ଗୃହକୁ ସ୍ଥାନାନ୍ତର ହୋଇଛି। ବିଦ୍ୟାଳୟକୁ ଯିବା ପାଇଁ ୫୩ ନଂ. ଜାତୀୟ ରାଜପଥରୁ ସଂଯୋଗ କରୁଥିବା ରାସ୍ତାଟି ଖାଲ ଖମାରେ ଭରି ରହିଥିବା ବେଳେ ଯାତାୟାତ ପାଇଁ ବିପଦ ଶଙ୍କୁଳ ହୋଇଛି। ବର୍ଷା ହେଲେ ଅବସ୍ଥା ଅତ୍ୟନ୍ତ ଖରାପ ସ୍ଥିତି ହେଉଛି। ଏହି ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଆଦର୍ଶ ବିଦ୍ୟାଳୟର ସ୍କୁଲ ଗୃହ ନିର୍ମାଣଠାରୁ ଆରମ୍ଭ କରି ଛାତ୍ରୀଛାତ୍ରଙ୍କର ରହିବା, ଖାଇବା, ମିଟିଂ ହଲ ସମେତ ଶୈକ୍ଷିକ ପରିବେଶ ପାଇଁ ସମସ୍ତ ସୁବିଧା ସୁଯୋଗ ପାଇଁ ୨୦୨୧ଠାରୁ ବିଦ୍ୟାଳୟର ନୂତନ ବିଲ୍ଡିଂ ନିର୍ମାଣ କାମ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇ ଟେଣ୍ଡର ଜରିଆରେ କାର୍ଯ୍ୟ ଆରମ୍ଭ ହୋଇ ଚାଲିଛି। ହେଲେ କାମ ସରିବାର ସମୟ ଅତିକ୍ରମ କରିଯାଇଥିବା ବେଳେ ନିର୍ମାଣ ସରୁନାହିଁ। ଠିକାଦାର କଚ୍ଛପ ଗତିରେ ନିର୍ମାଣ କାମ ଚଳାଇଛନ୍ତି।

ପୂର୍ବରୁ ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାଲୁଥିବା ଆଦର୍ଶ ବିଦ୍ୟାଳୟ ଚଳିତ ବର୍ଷ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧିପାଇଁ କ୍ଲାସ ରୁମ ନ ଥିବାରୁ ୨୪।୬।୨୦୨୪ରେ ସ୍ଥାନାନ୍ତର ହୋଇଥିଲା। ୩୦ଗୋଟି ଗୃହ ଜାଗାରେ ମାତ୍ର ୬ ଟି ପୂର୍ଣ୍ଣାଙ୍ଗ କରାଯାଇ କାମଚଳା ମୁତାବକ ବିଦ୍ୟାଳୟ ଚାଲିଛି। ବର୍ତ୍ତମାନ ସୁଦ୍ଧା ହଷ୍ଟେଲ ଗୃହ ପୂର୍ଣ୍ଣାଙ୍ଗ ହୋଇ ନ ଥିବା ବେଳେ ପାଚେରୀ ନିର୍ମାଣ କାମ ସରିନାହିଁ। ବିଦ୍ୟାଳୟକୁ ଯାତାୟାତ ପାଇଁ ରାସ୍ତା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। ବର୍ଷାଦିନେ ରାସ୍ତାଟି କନ୍ଦମାକ୍ତ ହୋଇପଡିଛି। ଆଦର୍ଶ ବିଦ୍ୟାଳୟରେ ଶୈକ୍ଷିକ ପରିବେଶରେ ବ୍ୟାଘାତ ଘଟୁଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଅଦର୍ଶ ବିଦ୍ୟାଳୟର କ୍ଲାସ ରୁମ ସମେତ ଅନ୍ୟ ଗୃହ ନିର୍ମାଣ ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଛି। ବର୍ତ୍ତମାନ ୬ଟି ଗୃହ ଯୋଗାଇ ଦିଆଯାଇଥିବା ବେଳେ ଅବଶିଷ୍ଟ ଗୃହ ଅଗଷ୍ଟ ପ୍ରଥମରୁ ଯୋଗାଇ ଦେବେ। ଖୁବ୍‌ଶୀଘ୍ର ସଂଯୋଗକାରୀ ରାସ୍ତାର ମରାମତି କରାଯାଇ ସୁରକ୍ଷିତ ଯାତାୟାତର ବ୍ୟବସ୍ଥା କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଶାରଦା ଭୂଷଣ ରାୟ କହିଛନ୍ତି। ଅନ୍ୟପକ୍ଷରେ ବାଳିକା ଛାତ୍ରୀ ନିବାସ ଓ ବାଳକ ଛାତ୍ରାବାସ ସମେତ ପାଚେରି ନିର୍ମାଣ ଦାୟିତ୍ୱ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି କାର୍ଯ୍ୟର ଅଗ୍ରଗତି ଘଟିଥିବା ବେଳେ ଖୁବ୍‌ଶୀଘ୍ର ଶେଷ କରାଯାଇ ଯୋଗାଇ ଦିଆଯିବ ବୋଲି ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଅଧିକାରୀ ଦଇତାରୀ ଟୁଡୁ କହିଛନ୍ତି। ଦୁଇଟି ବିଭାଗ କାମ କରୁଥିବା ବେଳେ ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀମାନେ ଅଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ପାଠପଢ଼ା ଉପରେ ଗୁରୁତ୍ୱ ଦେଇ ତୁରନ୍ତ ବିଦ୍ୟାଳୟକୁ ସଂଯୋଗକାରୀ ରାସ୍ତା ସମେତ ଅନ୍ୟ ନିର୍ମାଣ କାମ ଶେଷ କରାଇ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ବିଦ୍ୟାଳୟ ଗୃହ ସମେତ ଶୈକ୍ଷିକ ପରିବେଶ ଯୋଗାଇ ଦେବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ଟାଉନ ଥାନାରେ ନୂଆ ଆଇନକୁ ନେଇ ସଚେତନତା



ଟାଉନ୍ ଥାନାରେ ନୂଆ ଆଇନକୁ ନେଇ ସଚେତନତା କାର୍ଯ୍ୟକ୍ରମ ଉପସ୍ଥିତ ଲୋକମାନେ।

କେନ୍ଦ୍ରାପଡ଼ା, ୧୭ (ଜଗନ୍ନାଥ ଧଳ)

ଜୁଲାଇ ୧ରୁ ଦେଶରେ ନ୍ୟାୟ ସଂହିତା ବଦଳିଛି। ବ୍ରିଟିଶ ସମୟରୁ ଚାଲିଥିବା ଦଣ୍ଡ ବିଧାନ ସଂଶୋଧିତ ହୋଇ ଭାରତୀୟ ନ୍ୟାୟ ସଂହିତା ଲାଗୁ ହୋଇଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଟାଉନ ଥାନା ପକ୍ଷରୁ ଆଇନ ସଚେତନତା ସଭା ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ଥାନା ଅଧିକାରୀ ଦିଲୀପ କୁମାର ସାହୁ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଦେଶର ଲୋକମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଏହି ନୂତନ ଭାରତୀୟ ନ୍ୟାୟ ସଂହିତାର ମୂଳ ଲକ୍ଷ୍ୟ। ପୂର୍ବ ଆଇନରେ ଦେଶ ପ୍ରଥମ ଥିଲା। ନୂତନ ଆଇନରେ ବ୍ୟକ୍ତିଙ୍କୁ ପ୍ରାଥମିକତା ଦିଆଯାଇଛି। ସମାଜର ସବୁବର୍ଗର ଲୋକ ଯେପରି ନ୍ୟାୟ ପାଇ ପାରିବେ ଏହି ଆଇନରେ ସେପରି ବ୍ୟବସ୍ଥା କରାଯାଇଛି। ଜଣେ ବ୍ୟକ୍ତି ଦେଶର ଯେକୌଣସି ଥାନାରେ ଏଣିକି ଏତଲା ଦେଇ ପାରିବେ। ଏହାକୁ ଜିରୋ ଏଫ୍‌ଆଇଆର୍ ବ୍ୟବସ୍ଥା କୁହାଯାଉଛି। ଜଣେ ବ୍ୟକ୍ତି ଚାହିଁଲେ ମେଲରେ ଇ-ଏତଲା ମଧ୍ୟ ଦେଇପାରିବେ। କିନ୍ତୁ ୩ଦିନ ମଧ୍ୟରେ ସେହି ଥାନାରେ ପହଞ୍ଚି ଦସ୍ତଖତ କରିବାକୁ ପଡ଼ିବ। ୩ଦିନ ଭିତରେ ନ ପହଞ୍ଚିଲେ ତାଙ୍କ ଅଭିଯୋଗକୁ ଗ୍ରହଣ କରାଯିବନି। ପୂର୍ବରୁ ଭାରତୀୟ ପିଙ୍ଗଳ କୋର୍ଡରେ (ଆଇପିସି)ରେ ୫୧୧ଟି ଦଫା ଥିବାବେଳେ ନୂତନ ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଦଫା ରହିଛି। ୩ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ବିଧାନ ଥିବା ଦଫାରେ ଜଣେ ଥାନା ଅଧିକାରୀ ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇ ଅଭିଯୁକ୍ତଙ୍କୁ ଗିରଫ କରିବେ। ପୂର୍ବରୁ ଥିବା ୩୦୨ଦଫା ନୂଆ ଆଇନରେ ୧୦୩ ହୋଇଥିବା ବେଳେ ୩୦୭ ଦଫା ୧୦୯ ହୋଇଛି। ସେହିପରି ୫୦୬ ଦଫାଟି ୩୫୧ ହୋଇଛି। ଏହି ସଭାରେ ବିଜେଡି ଜିଲା ସଭାପତି ଧୀରେନ ସାହୁ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ ସାହୁ, ପୂର୍ବତନ କାଉନସିଲର ହିରଣ୍ୟ କୁମାର ପଣ୍ଡା, ନଗର ବିଜେଡି ସଭାପତି ଯଯାତି କେଶରୀ ମହାନ୍ତି, କାଉନସିଲର ପ୍ରଦୀପ୍ତ ଜେନା, ସେକ ଅସଲମ, ନିରାକାର ସ୍ୱାଇଁ, ଭାଜପା ନେତା ସଲିମ ଖାନ୍, ଦୁର୍ଯ୍ୟୋଧନ ସାହୁଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ନୂଆ ଆଇନ: ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ସଚେତନତା

ରାଜନଗର, ୧୭(ଭାସ୍କର ରାଉତରାୟ)

ବ୍ରିଟିଶ ଅମଳରୁ ଦେଶରେ ପ୍ରଚଳିତ ଥିବା ଆଇପିସି, ସିଆର୍‌ପିସି ଓ ଆଇଇଏ ଆଇନକୁ ସୋମବାର ହଟାଯାଇ ନୂତନ କରି ୩ଟି ନୂଆ ଫୌଜଦାରୀ ଆଇନ ଲାଗୁ କରାଯାଇଛି। ଏଗୁଡିକ ହେଲା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଇନ ସମଗ୍ର ଦେଶରେ ଲାଗୁ ହୋଇଛି। ଏ ନେଇ ସୋମବାର ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ପରିସରରେ ନୂଆ ଆଇନ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଏଏସ୍‌ଆଇ ବାବୁରାମ ହେମ୍ବ୍ରମ, ପ୍ରତାପ ଚନ୍ଦ୍ର ମହାନ୍ତି, ହାବିଲଦାର ପରୀକ୍ଷିତ ସେଠୀ, ବିଭୂ ରଞ୍ଜନ ନାୟକ ପ୍ରମୁଖ ଲୋକମାନଙ୍କୁ ଏହି ଆଇନ ବିଷୟରେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ସପନ କୁମାର ପରିଡା, ରବୀନ୍ଦ୍ର କୁମାର ସିଂ, ପବିତ୍ର କୁମାର କରଣ, ମଧୁସୂଦନ ପ୍ରଧାନ, ଚନ୍ଦନ ଦାସଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଯୁବକ ଏବଂ ମୁରବୀମାନେ ଅଂଶଗ୍ରହଣ କରିଥିଲେ।

## ମିଶନ ଶକ୍ତି ସଭାଗୃହ, କୁକୁଡ଼ା ଫାର୍ମର ଭ୍ରମ ସୃଷ୍ଟି କରୁଛି



ମିଶନ ଶକ୍ତି ସଭାଗୃହ କାମର ସୂଚନା ଫଳକ।



୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ମିଶନ ଶକ୍ତି ସଭା ଗୃହ।

ରାଜକନିକା, ୧୭(ସଞ୍ଜୟ କୁମାର ଦାଶ)

ରାଜକନିକା ପଞ୍ଚାୟତ ସମିତି ସିକୋ ପଞ୍ଚାୟତ ଟୋଲା ଗୁଲୁଚିପଡ଼ା ଗାଁରେ ନିର୍ମାଣାଧୀନ ମିଶନ ଶକ୍ତି ସଭାଗୃହ କୁକୁଡା ଫାର୍ମର ଭ୍ରମ ସୃଷ୍ଟି କରୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗାଁର ଦିଲୀପ ପରିଡା, ବିଷ୍ଣୁ ସେଠୀ, ବସନ୍ତ ନାୟକ, ଗୌରାଙ୍ଗ ନାୟକ, କାହ୍ନୁ ନାୟକ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ୬ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଏହି ମିଶନ ଶକ୍ତି ସଭାଗୃହଟି ଯେକେହି ଦେଖିବ ଭ୍ରମ ସୃଷ୍ଟି ହେବ। କାନ୍ଥ ବିହିନ ଆଜବେଷ୍ଟସ ଛାଉଣୀ ଘର, ଅଧକାନ୍ଥରୁ ଲୁହା ଗ୍ରୀଲ ବେଷ୍ଟିତ ହୋଇଛି। ଦୁଇଟି ଦ୍ୱାରାରେ ଲୁହା ଗ୍ରୀଲ ଲାଗିଛି। ଚଟାଣ ମେଜିଆ ଫାଟି ଗଲାଣି। ଏହା ସରକାରଙ୍କ ନାରୀଶକ୍ତିର ସଶକ୍ତିକରଣ ଓ ସ୍ୱାବଲମ୍ବୀ କରୁଥିବା ମିଶନ ଶକ୍ତି ସଭିଗୃହ। ବର୍ଷା ହେଲେ କୌଣସି ପରିସ୍ଥିତିରେ ଏହି ଗୃହ ଭିତରେ ବସି ହେବ ନାହିଁ, ସଭା ତ ଦୂରର କଥା ବୋଲି ସେମାନେ ଅଭିଯୋଗ କରିଛନ୍ତି।

### ଅଭିଯୋଗ ଆଣିଲେ ଗ୍ରାମବାସୀ

ଅଭିଯୋଗ ମୁତାବକ, ସଭାଗୃହ ନିର୍ମାଣ କୌଣସି ପ୍ରକାର କରି ବିଲ୍ ପାସ୍ କରି ଦେଲେ ଗଲା ଭଳି ନ୍ୟାୟ ଏଠାରେ ଦେଖିବାକୁ ମିଳିଛି। ପ୍ରତ୍ୟେକ କାର୍ଯ୍ୟ ହେବା ପୂର୍ବରୁ ଓ ପରେ ସରଜମିନ ତଦନ୍ତ କରି ବିଲ୍ ପ୍ରସ୍ତୁତ କରିବା ପ୍ରଶାସନିକ ନିୟମ ଏବଂ ଅଧିକାରୀଙ୍କ ଦାୟିତ୍ୱ। ହେଲେ ଏଠାରେ ସବୁ କାଗଜକଲମରେ ଦର୍ଶାଯାଉଥିବା ଅନିୟମିତତା ବାସ୍ନା ବାରି ହୋଇ ପଡୁଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମହିଳାମାନଙ୍କୁ ଶସକ୍ତ ଓ ସ୍ୱାବଲମ୍ବୀ କରିବା ଦିଗରେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଅଧାରୁ ଅଧିକ ବାଟ ମାରଣା ହେଉଥିବା ନେଇ ଅଭିଯୋଗ ସାମ୍ନାକୁ ଆସୁଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ଗାଁର ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ମଧ୍ୟ ଦାବି କରିଛନ୍ତି। ଏ ସମ୍ପର୍କରେ ବିଡିଓ ପୃଥ୍ୱୀରାଜ ପରିଡାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ୩ ନୂଆ ଫୌଜଦାରି ଆଇନ ସଚେତନତା

ପଟ୍ଟାମୁଣ୍ଡାଇ,୧୭ (କଳ୍ପତରୁ ନାୟକ)

ଫୌଜଦାରି ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ କେନ୍ଦ୍ର ସରକାର ୩ଟି ନୂଆ ଆଇନ ଲାଗୁ କରିଛନ୍ତି। ଭାରତର ରାଷ୍ଟ୍ରପତିଙ୍କ ଅନୁମୋଦନକ୍ରମେ ଡିସେମ୍ବର ୨୫ ତାରିଖରେ ଏହି ୩ ନୂଆ ଆଇନ ଭାରତ ସରକାରଙ୍କ ରାଜପତ୍ରରେ ପ୍ରକାଶ ପାଇବା ପରେ ସୋମବାରଠାରୁ ସାରା ଦେଶରେ ୧୮୬୦ ମସିହାରୁ ଚାଲିଥିବା ବ୍ରିଟିଶ ଆଇନକୁ ହଟାଇ ନୂଆ ପୋଲିସ ଆଇନ ଲାଗୁ ହୋଇଛି। ଏ ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନରେ ଥିବା ସମସ୍ତ ସରପଞ୍ଚଙ୍କୁ ନେଇ ନୂଆ ଆଇନ ସମ୍ପର୍କିତ ସଚେତନତା ସଭା କରାଯାଇଛି ବୋଲି ଆଇଆଇସି ପଦ୍ମାଳୟା ପ୍ରଧାନ କହିଛନ୍ତି। ଅନୁଷ୍ଠିତ ସଭାରେ ୩ଟି ନୂଆ ଆଇନର କାର୍ଯ୍ୟକାରିତାର ଆଲୋଚନାରେ ଆଇଆଇସି ପ୍ରଧାନ କହିଥିଲେ, ନୂଆ ଆଇନ ଆସିବା ପରେ ଆଇପିସି, ସିଆର୍‌ପିସି ଓ ଏଭିଡେନ୍ସ ଆକ୍ଟକୁ ହଟାଇଦିଆଯିବ। ଇଣ୍ଡିଆନ ପେନାଲ କୋଡ୍ ପରିବର୍ତ୍ତେ ଆସିବ ଭାରତୀୟ ନ୍ୟାୟ ସଂହିତା। କୋଡ୍ ଅଫ୍ କ୍ରିମିନାଲ ପେୟାସିଜିଆର ପରିବର୍ତ୍ତେ ଲାଗୁ ହେବ ଭାରତୀୟ ନାଗରିକ ସୁରକ୍ଷା ସଂହିତା। ସେହିପରି ଇଣ୍ଡିଆନ ଏଭିଡେନ୍ସ ଆକ୍ଟ ପରିବର୍ତ୍ତେ ଲାଗୁହେବ ଭାରତୀୟ ସାକ୍ଷ୍ୟ। ତେବେ ନୂଆ ଆଇନ ଓ ପୁରୁଣା ଆଇନ ମଧ୍ୟରେ ଅନେକ ଫରକ୍ ରହିଛି। ପୁରୁଣା ଆଇନରେ ଅପରାଧୀଙ୍କୁ ଗୁରୁତ୍ୱ ଦିଆଯାଇଥିଲା। ହେଲେ ନୂଆ ଆଇନରେ ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମାନବାଧିକାର ଓ ତଦନ୍ତରେ କିଭଳି ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯିବ, ଆବଶ୍ୟକ ସମୟରେ କିପରି ଅଧିକ ଶକ୍ତି ବିନିଯୋଗ କରାଯିବ, ନୂଆ ଆଇନରେ ସେସବୁ ପ୍ରାବଧାନ ରହିଛି ବୋଲି ଆଇଆଇସି ପ୍ରଧାନ ଆଲୋଚନା କରିଛନ୍ତି। ଏହି ବୈଠକରେ ସମସ୍ତ ପୋଲିସ କର୍ମଚାରୀ, ପଞ୍ଚାୟତ ସରପଞ୍ଚଙ୍କ ସମେତ ବହୁ ବୁଦ୍ଧିଜୀବୀ ଅଂଶଗ୍ରହଣ କରିଥିଲେ।

## ଆଳି ଥାନାରେ ନୂଆ ଆଇନ ସଚେତନତା କାର୍ଯ୍ୟକ୍ରମ

ଆଳି, ୧୭(ବନମାଳୀ ସେନାପତି)

ଆଳି ଥାନାରେ ସୋମବାର ଅପରାହ୍ନରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଳି ଥାନା ଆଇଆଇସି ସବ୍ୟସାଚୀ ଶତପଥିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଳି ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଆଇନଜୀବୀ, ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟଙ୍କ ସମେତ ସାଧାରଣ ଲୋକମାନେ ଯୋଗଦେଇ ଏହି ଆଇନ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ। ବ୍ରିଟିଶ ଆଇନର ଯୁଗ ଶେଷ ହୋଇ ଆଜିଠାରୁ ଦେଶରେ ନୂଆ ଆଇନ ଲାଗୁ କରାଯାଇଛି। ତେବେ ସାଧାରଣ ଲୋକ ଏହି ନୂଆ ଆଇନର ସହାୟତାରେ ସରଳୀକରଣ ଭାବେ ନ୍ୟାୟ ପାଇବା ସମ୍ଭବ ହେବ ବୋଲି ଆଇଆଇସି ଶତପଥି କହିବା ସହିତ ଉପସ୍ଥିତ ଜନସାଧାରଣଙ୍କୁ ସହଯୋଗ ଓ ସଚେତନ କରାଇବା ନିମନ୍ତେ ଅନୁରୋଧ କରିଛନ୍ତି।

## ଶିକ୍ଷକ ଏ ଜାତିର ନମସ୍ୟ



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଶିକ୍ଷକମାନେ।

ଆଳି,୧୭ (ବନମାଳୀ ସେନାପତି)

### ୧୮ଜଣ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆଳି ବ୍ଲକର ବିଭିନ୍ନ ଉଚ୍ଚବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟ କରି ମେ ଓ ଜୁନ ମାସରେ ଅବସର ଗ୍ରହଣ କରିଥିବା ୧୮ଜଣ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ଆଳି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ସୋମବାର ଦିଆଯାଇଛି। ଆଳି ବ୍ଲକ ଅନ୍ତର୍ଗତ ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଓ ମହମ୍ମଦ ହସିମୁଦ୍ଦିନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଳି ମଣ୍ଡଳ ଶିକ୍ଷା ଅଧିକାରୀ ନଳିନୀକାନ୍ତ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଶିକ୍ଷା ମଣ୍ଡଳ ଅଧିକାରୀ ପାବନୀ କୁମାର ରାଉତ, ପୁର୍ବତନ ସହ ଶିକ୍ଷା ମଣ୍ଡଳ ଅଧିକାରୀ ରମାକାନ୍ତ ମହାପାତ୍ର, ନରହରି ସୁତାର, ଆଳି ଶିକ୍ଷା ମଣ୍ଡଳ ସହ ଶିକ୍ଷା ମଣ୍ଡଳ ଅଧିକାରୀ ତଥା ବିଆର୍‌ସିସି ଉଦକର ସାମଲ, ଜ୍ୟୋତି ପୁଷ୍ପ ମହାନ୍ତି, ଆଳି ବ୍ଲକ ନୋଡାଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ପୂର୍ବତନ ନୋଡାଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର, ଶିକ୍ଷାବିତ ବନମାଳୀ ସେନାପତି, ରଶ୍ମିତା ସେନାପତି, ମେଣ୍ଟପୁର ଗ୍ରାମ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁନିମା ସିଂ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଅତିଥିମାନେ ଅବସର ଗ୍ରହଣ କରିଥିବା ଶିକ୍ଷକ ମାନଙ୍କର କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ। ସେମାନେ ସେମାନଙ୍କ ଶିକ୍ଷକତା ସମୟରେ ଶତାଧିକ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପ୍ରଦାନ କରି ସମାଜରେ ସେମାନଙ୍କୁ ପ୍ରତିଷ୍ଠା ଦେଇପାରିଛନ୍ତି। ତେଣୁ ସେମାନେ ଏ ଜାତିର ନମସ୍ୟ। ଯେତେ ପ୍ରଶଂସା କଲେ ବି ସେମାନଙ୍କ ପାଇଁ କମ୍ ହେବ ବୋଲି ଅତିଥିମାନେ କହିଥିଲେ। ଏହି ଅବସର କାଳୀନ ସମ୍ବର୍ଦ୍ଧନା ସଭାରେ ମଣ୍ଡଳ ଶିକ୍ଷା ଅଧିକାରୀ ଅବସର ଗ୍ରହଣ କରିଥିବା ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ପ୍ରୋଭିଜିନାଲ ପେନସନ ପ୍ରଦାନ କରିଥିଲେ। ଏହି ଉତ୍ସବରେ ମଞ୍ଜୁଶ୍ରୀ ନାୟକ, ସୁରେଶ ପ୍ରସାଦ ପୃଷ୍ଟି, ରମାକାନ୍ତ ମିଶ୍ର, ପ୍ରଦୋଷ କୁମାର ରାଉତ, ଶାନ୍ତିଲତା ତ୍ରିପାଠୀ, ଜୟନ୍ତୀ ମିଶ୍ର, ମନୋରଞ୍ଜନ ଜେନା, ଦିବାକର ସାହୁ, ବିକ୍ରମ କେଶରୀ ଦାସ, ପ୍ରିୟ ରଞ୍ଜନ ଦାସ, ଆଦିକନ୍ଦ ବେହେରା, ଅରୁନ୍ଧତୀ ଦାଶ, ପ୍ରବୋଧ କୁମାର ଦାଶ, ଦୁର୍ଯ୍ୟୋଧନ ସାମଲ, ବେଣୁଧର ମଲ୍ଲିକ, ଈଶ୍ୱର ଚନ୍ଦ୍ର ମିଶ୍ର, ବାବୁଲାଲ ଦାସ ଓ ଅଶୋକ କୁମାର ପରିଡ଼ା ପ୍ରମୁଖଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସିଆର୍‌ସିସି ପ୍ରିୟବ୍ରତ ସଞ୍ଜୟ କୁମାର ମହାଲିକ ଧନ୍ୟବାଦ ଦେଇଥିଲେ। ଅକ୍ଷୟ ଜେନା କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ନୂତନ ଆଇନରେ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବ

ଜଗତ୍‌ସିଂହପୁର,୧୭ (ପ୍ରମୋଦ କୁମାର ନାୟକ)

ଭାରତରେ ନୂତନ ଆପରାଧିକ ଆଇନ ସୋମବାରଠାରୁ କାର୍ଯ୍ୟକାରୀ ହୋଇଛି। ଏହି ଆଇନ ସମ୍ପର୍କରେ ସଚେତନତା ପାଇଁ ଜଗତ୍‌ସିଂହପୁର ଜିଲା ପୋଲିସ ପଦକ୍ଷେପ ନେଇଛି। ପ୍ରାଥମିକ ପର୍ଯ୍ୟାୟରେ ଜଗତ୍‌ସିଂହପୁର ଥାନା ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମେଶ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଆଇନର କାର୍ଯ୍ୟକାରିତା ଓ ବ୍ୟାପକ ସଚେତନତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସ, ବରିଷ୍ଠ ନାଗରିକ, ଆଇନଜୀବୀ ପ୍ରମୁଖ ଯୋଗଦେଇ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ଆଲୋଚନା କରିଥିଲେ।

### ନୂଆ ଆପରାଧିକ ଆଇନ ସମ୍ପର୍କରେ ସଚେତନତା

**ରଘୁନାଥପୁର,(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ଥାନା ପକ୍ଷରୁ ବୁଦ୍ଧିଜୀବୀ, ଶିକ୍ଷାବିତ୍ ରାଜନୈତିକ ବ୍ୟକ୍ତି ଓ ସାଧାରଣ ଜନତାଙ୍କୁ ନେଇ ନୂଆ ଆପରାଧିକ ଆଇନ ସମ୍ପର୍କରେ ସଚେତନତା କରାଯାଇଛି। ଏନେଇ ଥାନାରେ ଆୟୋଜିତ ବୈଠକରେ ଆଇଆଇସି ସୁଶାନ୍ତ କୁମାର ସେଠୀ ପୌରୋହିତ୍ୟ କରି ୩ ନୂତନ ଆଇନର କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ। ବ୍ରିଟିଶ ଅମଳରୁ ଚାଲିଆସିଥିବା ଆଇପିସି, ସିଆର୍‌ପିସି ଓ ଇଣ୍ଡିଆନ ଏଭିଡେନ୍ସ ଆକ୍ଟର ପରିସମାପ୍ତି ହେବା ସହ ନୂତନ ଭାବେ ଆଇନ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ। ନୂତନ ଆଇନ ଅନୁସାରେ ଦେଶର ଯେକୌଣସି ଥାନାରେ ଏଫ୍‌ଆଇଆର ଦାଖଲ ହୋଇପାରିବ, ବିନା ମୂଲ୍ୟରେ ଏଫ୍‌ଆଇଆର କପି ଅଭିଯୋଗକାରୀଙ୍କୁ ମିଳିବ, ମହିଳା ଓ ଶିଶୁ ନିର୍ଯାତନା ମାମଲାର ତଦନ୍ତକୁ ପ୍ରାଥମିକତା ଦିଆଯିବ। ଅଭିଯୋଗର ୯୦ ଦିନ ଭିତରେ ତଦନ୍ତ ରିପୋର୍ଟ, ଶୁଣାଣିର ୪୫ ଦିନ ଭିତରେ ରାୟ ପ୍ରକାଶ ପାଇବ ବୋଲି ଅବଗତ କରାଯାଇଥିଲା। ଏହାଛଡା ଅନ୍ୟାନ୍ୟ ଧାରା ସମ୍ପର୍କରେ ସମ୍ୟକ୍ ଆଲୋଚନା ହୋଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଜେଡି, ଭାଜପା ଓ କଂଗ୍ରେସ ଦଳର କର୍ମକର୍ତ୍ତାଙ୍କ ସହ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

**କୁଜଙ୍ଗ (ମନୋଜ ପ୍ରଧାନ):** କୁଜଙ୍ଗ ଥାନା ପରିସରରେ ଭାରତୀୟ ନ୍ୟାୟ ସଂହିତାର କାର୍ଯ୍ୟକାରିତା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ ଉପସ୍ଥିତ ରହି ନୂତନ ଆଇନ ସମ୍ପର୍କରେ ବୁଝାଇଥିଲେ। ଦାଶ ପ୍ରଚଳିତ ନୂଆ ଆଇନକୁ ପ୍ରଶଂସା କରିବା ସହ ନ୍ୟାୟିକ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଏହି ଆଲୋଚନାଚକ୍ରରେ ସବ୍ ଇନ୍‌ସପେକ୍ଟର ଅନିଲ ସାହୁ ଉପସ୍ଥିତ ଥିବାବେଳେ ଗୋପିଆକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ଆଗପାଳ ସରପଞ୍ଚ ବିପିନ ବିଶ୍ୱାଳ, ସାମାଜିକ କର୍ମୀ ବିଜ୍ଞାନ ଦାସ, ମଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ, ବାମଦେଇପୁର ସମିତିସଭ୍ୟ ବିକ୍ରମ ମହାପାତ୍ର, ପୂର୍ବତନ ସରପଞ୍ଚ ଗୋପୀନାଥ ସାମନ୍ତରା, କବି ରଞ୍ଜନ ବେହେରା, କିଶୋର ବେଉରା ଓ ଅଭୟ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।



ଜଗତ୍‌ସିଂହପୁର ଥାନାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ପୋଲିସ ଅଧିକାରୀ ଏବଂ ଅନ୍ୟମାନେ।

## କେସି କ୍ଲବର କର୍ମକର୍ତ୍ତା ନିର୍ବାଚନ

ନୟାଗଡ଼,୧୭ (ଲୋକନାଥ ମିଶ୍ର)

ନୟାଗଡ଼ ସହରସ୍ଥିତ କେସି କ୍ଲବର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଭାଗୀରଥି ଦାଶ ଓ ସମ୍ପାଦକ ଭାବେ ସଂଗ୍ରାମ କେଶରୀ ଗୁମାନସିଂହ ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଭବାନୀ କୁମାର ଦାସ, ଜଏଣ୍ଟ ସେକ୍ରୋଟାରୀ ରୂପେ ଚନ୍ଦନ ମହାପାତ୍ର, କୋଷାଧ୍ୟକ୍ଷ ଭାବେ ଶାରଦା ପ୍ରସାଦ ମହାପାତ୍ର ଅନୁରୂପ ଭାବେ ନିର୍ବାଚିତ ହୋଇଛନ୍ତି। ଏକଜ୍ୟୁକ୍ୟୁଟିଭ ମେମ୍ବର ଭାବେ ଆଶୁତୋଷ ରଥ, ଭବ ରଞ୍ଜନ ଦାସ, ଦେବେନ୍ଦ୍ର କୁମାର ଶତପଥି, ଲକ୍ଷ୍ମୀଧର ସାହୁ, ପ୍ରଦୀପ୍ତ କୁମାର ପାତ୍ର, ରବୀନ୍ଦ୍ର ନାଥ ସାହୁ, ରାମକୃଷ୍ଣ ରଥ, ରାମ ପ୍ରସାଦ ବାରିକ, ଶରଙ୍ଗଧର ଇନ୍ଦ୍ରଜିତ୍ ନିର୍ବାଚିତ ହୋଇଛନ୍ତି।

# ସରକାରୀ ଅନାବାଦୀ ଜମି ହଡ଼ପ ଅଭିଯୋଗ

## ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିତମାବାସୀ

ନୂଆଗାଁ /ନୟାଗଡ଼, ୧୭ (ଧନେଶ୍ୱର ସାହୁ/ ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କୋରଡା ପଞ୍ଚାୟତ ମହିତମା ଗ୍ରାମରେ ଥିବା ସରକାରୀ ଅନାବାଦୀ ଜମିକୁ ଜଣେ ବ୍ୟକ୍ତି ଚଞ୍ଚକତା କରି ହଡପ କରିଛନ୍ତି। ଏପରି ଅଭିଯୋଗ ନେଇ ମହିତମାବାସୀ ସୋମବାର ନୟାଗଡ଼ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ମହିତମା ମୌଜାର ମହିତମା ଗାଁ ମୁଣ୍ଡରେ ଥିବା ମୁଖ୍ୟ ଜାଗା ଖାତା ନଂ. ୨୧୬ ପ୍ଲଟ ନଂ. ୫୧୨/୮୧୮ର ୪ ଡିସିମିଲି ଖାତା ନଂ. ୨୧୦/୧୫୭ ପ୍ଲଟ ନଂ. ୫୧୨/୮୭୧ର ୪ ଡିସିମିଲ ଜାଗା ସରକାରୀ ଖାତାରେ ଆବାଦ ଯୋଗ୍ୟ ଅନାବାଦୀ କିସମ ରହିଥିଲା। ଉକ୍ତ ଜାଗାକୁ ଗ୍ରାମର କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ମାର୍କେଟ ଗୃହ କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ଆଦି ଉନ୍ନତି କାମରେ ବ୍ୟବହାର କରିବା ପାଇଁ ଗ୍ରାମବାସୀ ଗଚ୍ଛିତ ରଖିଥିଲେ। ପୂର୍ବରୁ ସେହି ଜାଗାକୁ ପାଣ୍ଡବ ସାହୁ ଓ ସୂର୍ଯ୍ୟମଣୀ ସାହୁ ଜବର ଦଖଲ କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ପ୍ରତିବାଦ ଯୋଗୁ ଉକ୍ତ ବ୍ୟକ୍ତି ୨ ଜଣ ନିଜ ନାମରେ ରେକର୍ଡ କରି ପାରି ନ ଥିଲେ। ତେବେ ଉକ୍ତ ସରକାରୀ ଜାଗାକୁ ବର୍ତ୍ତମାନ କେତେଜଣ ଅସାଧୁ ବ୍ୟକ୍ତିଙ୍କୁ ହାତ କରି ବହୁ ଜମିର ମାଲିକ ସୁବାସ ଚନ୍ଦ୍ର ସାହୁ ନିଜ ନାମରେ ଓ ସ୍ତ୍ରୀ ମମତା ସାହୁଙ୍କ ନାମରେ ରେକର୍ଡ କରି ନେଇଥିବା ମହିତମାବାସୀ ଅଭିଯୋଗ କରିଛନ୍ତି। ଉକ୍ତ ଜମି ଗାଁ ଛକ ନିକଟରେ ହୋଇଥିବାରୁ ଜମି ଅତ୍ୟନ୍ତ ମୂଲ୍ୟବାନ। ତେଣୁ ଉକ୍ତ ବେଆଇନ ରେକର୍ଡକୁ ରଦ୍ଦ କରି ସମୂହ ସ୍ୱାର୍ଥ ପାଇଁ ପୂର୍ବ ସରକାରୀ ଖାତାକୁ ଫେରାଇ ଆଣିବାକୁ ମହିତମାବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଏ ନେଇ ଗ୍ରାମ ପରିଚାଳନା କମିଟିର ସଦସ୍ୟମାନେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଭେଟି ଗ୍ରାମର ଗ୍ରାମ ସଭାପତି ଅନନ୍ତ ସାହୁ , ଉପସଭାପତି ତ୍ରିନାଥ ସାହୁ, ସମ୍ପାଦକ ସରୋଜ କୁମାର ମିଶ୍ର, କୋରଡା ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ବେହେରାଙ୍କ ସମେତ ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତ ଥାଇ ଏକ ଅଭିଯୋଗ ପତ୍ର ଜିଲାପାଳଙ୍କୁ ଦେଇଛନ୍ତି।

## ଖଣ୍ଡପଡ଼ାରେ ରଥ ନିର୍ମାଣ କାର୍ଯ୍ୟ ଶେଷ

ଖଣ୍ଡପଡା,୧୭ (ଅଜୟ କୁମାର ମହାରଣା)

ଖଣ୍ଡପଡା ସହରର ଶ୍ରୀଜୀଉଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ଜଣାପଡିଛି। ମହାରଣା ସେବକମାନଙ୍କ ଦ୍ୱାରା ପରିଚାଳିତ ଜଗନ୍ନାଥ ମନ୍ଦିର ଓ ଦେବୋତର ବିଭାଗ ଦ୍ୱାରା ପରିଚାଳିତ ପ୍ରଭୁ ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ପାର୍ଶ୍ୱ ଦେବତା ରୂପ ପୂଜା ପାଉଥିବା ମହିମା ମେରୁଙ୍କ ନିମନ୍ତେ ରଥ ନିର୍ମାଣ ହୋଇଥିବା ମନ୍ଦିର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଓ ମର୍ଦ୍ଦରାଜପୁରଠାରେ ଶ୍ରୀଜୀଉଙ୍କ ଘୋଷଯାତ୍ରା ଲାଗି ରଥ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ଜଣାପଡିଛି।



## ଜିଲାପାଳଙ୍କ ଜନଶୁଣାଣି: ୨୫ ଅଭିଯୋଗର ସମାଧାନ

ନୟାଗଡ,୧୭(ଲୋକନାଥ ମିଶ୍ର)

ସାଧାରଣ ନିର୍ବାଚନ ଯୋଗୁ ବନ୍ଦ ରହିଥିବା ଜିଲାପାଳଙ୍କ ଜନଶୁଣାଣି ସୋମାବରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱାଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ୧୩୨ ଅଭିଯୋଗ ମଧ୍ୟରୁ ୧୧୪ଟି ବ୍ୟକ୍ତିଗତ ଥିବାବେଳେ ୯ଟି ଗୋଷ୍ଠୀଗତ ଥିଲା। ସେହିପରି ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ପ୍ରଦାନ କରାଯାଇଥିବାବେଳେ ଜଣଙ୍କୁ ରେଡକ୍ରସରୁ ସହାୟତା ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ୧୩୨ ଅଭିଯୋଗରୁ ୨୫ ଅଭିଯୋଗକୁ ପ୍ରଶାସନ ସଙ୍ଗେ ସଙ୍ଗେ ଶୁଣାଣି କରି ନ୍ୟାୟ ପ୍ରଦାନ କରିଥିବା ସୂଚନା ଦେଇଛି। ଜନଶୁଣାଣିରେ ଏସ୍‌ପି ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଦିଲୀପ କୁମାର ବଳ ଓ ରୋଜିନା ଦାସ ପ୍ରମୁଖ ଥିଲେ।

# ନୂତନ ଆପରାଧିକ ଆଇନ ସମ୍ପର୍କରେ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଓଡ଼ଗାଁ,୧୭(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନାରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶରଣକୁଳ ଏସ୍‌ଡିପିଓ ସୁଧାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ମାନସ ରଞ୍ଜନ ଭୋଇ, ଅତିରିକ୍ତ ତହସିଲଦାର ଜି. ଶ୍ରୀନୁ, ବିଡିଓ ଜିତେନ୍ଦ୍ର କୁମାର ନାଏକ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାର ଅସୋସିଏଶନ ସଭାପତି ଗୋବିନ୍ଦ ଚନ୍ଦ୍ର ସାହୁ, ଆଇନଜୀବୀ ଚନ୍ଦ୍ର ବିଜୟୀ ମିଶ୍ର, ଶରଣକୁଳ ଆଇଆଇସି ପୁଷ୍ପଲତା ସାହୁ, ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ନିଳାଞ୍ଜନ ଦାସ, ଅଗ୍ନିଶମ ସେବା ଅଧିକାରୀ ପ୍ରତାପ କୁମାର ପ୍ରଧାନ, ବନାଞ୍ଚଳ ଅଧିକାରୀ ନିଖିଲେଶ ମଲ୍ଲିକ ଯୋଗଦେଇଥିବା ବେଳେ ବିଭିନ୍ନ ଆନୁଷ୍ଠାନିକ ମୁଖ୍ୟମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ବ୍ରିଟିଶ ଅମଳରୁ ପ୍ରଚଳିତ ଇଣ୍ଡିଆ ପେନାଲ କୋଡ଼ (ଆଇପିସି), କ୍ରିମିନାଲ ପ୍ରୋସିଜିଓର କୋଡ(ସିଆର୍‌ପିସି) ଏବଂ ଇଣ୍ଡିଆନ ଏଭିଡିଏନ୍ସ ଆକ୍ଟ(ଆଇଇଏ) ପରିବର୍ତ୍ତେ ସୋମବାରଠାରୁ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ), ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ ଏସଏସ) ଏବଂ ଭାରତୀୟ ସାକ୍ଷ୍ୟ ନିୟମ(ବିଏସ୍‌ଏ) ଲାଗୁହେଲା। ନୂଆ ଆଇନରେ ଥିବା ବ୍ୟବସ୍ଥା ଅନୁସାରେ ଯେକୌଣସି ଘଟଣା ସମ୍ପର୍କରେ ଦେଶର ଯେକେହି ନାଗରିକ ଭାରତର ଯେଉଁଠାରେ ଥିଲେ ବି ପୋଲିସ ଷ୍ଟେଶନରେ ଏତଲା ଦାଖଲ କରିପାରିବେ। ବିନା ମୂଲ୍ୟରେ ଏଫ୍‌ଆଇଆର୍ କପି ପୋଲିସ ଦେବାକୁ ବାଧ ହେବେ। ଆଗେ ଦୋଷୀଙ୍କୁ ଦଣ୍ଡ ଦେବାକୁ ପ୍ରାଥମିକତା ଦିଆଯାଉଥିବା ପରିବର୍ତ୍ତେ, ଏବେ ପୀଡିତଙ୍କୁ ନ୍ୟାୟ ପ୍ରଦାନ ଉପରେ ପ୍ରାଥମିକତା ଦିଆଯିବ। ଯେକୌଣସି ବ୍ୟକ୍ତି ଅନ୍‌ଲାଇନ ମାଧ୍ୟମରେ ଥାନାକୁ ଅଭିଯୋଗ ପ୍ରେରଣ କରିପାରିବେ। ତାହା ପଞ୍ଜୀକୃତ କରିବା ପାଇଁ ୩ଦିନ ମଧ୍ୟରେ ଥାନାକୁ ଯାଇ ମୂଳ ଏତଲାରେ ଦସ୍ତଖତ କରିବେ। ପଞ୍ଜୀକୃତ ମାମଲା ତଦନ୍ତ ବେଳେ ଅଧିକୃତ ଅଧିକାରୀମାନେ ନିର୍ଦ୍ଧାରିତ ସମୟ ବ୍ୟବଧାନରେ କାର୍ଯ୍ୟ ସାରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ, ଆପରାଧିକ ନିୟନ୍ତ୍ରଣରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ, ପ୍ରଭାବଶାଳୀମାନେ ଆଇନ୍ ଆଖିରେ ଧୂଳି ଦେଇ ପାରିବେନି ବୋଲି ନୂଆ ଭାରତ ନୂଆ ଆଇନର ଲକ୍ଷ୍ୟ ବୋଲି ଆଲୋଚିତ ହୋଇଥିଲା।

## ନୂତନ ଆଇନକୁ ନେଇ ଥାନାରେ ଖବରଦାତା ସମ୍ମିଳନୀ

ଖଣ୍ଡପଡା,୧୭(ଅଜୟ କୁମାର ମହାରଣା)

ସାରା ଦେଶରେ ସୋମବାରଠାରୁ ୩ଟି ନୂଆ ଆଇନ କାର୍ଯ୍ୟକାରୀ ହୋଇଛି। ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ଥାନା ପରିସରରେ ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବରିଷ୍ଠ ଆଇନ୍‌ଜୀବୀ ଗିରିଜା ଶଙ୍କର ତରାସିଆ, ସଂଗ୍ରାମ କେଶରୀ ମିଶ୍ର, ବିକ୍ରମ କେଶରୀ ଦେଓ, ଗିରିଜା ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକାରୀ ହୋଇଥିବା ନୂତନ ଆଇନ୍‌ଗୁଡ଼ିକ ସମ୍ପର୍କରେ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ୧୮୬୦ ମସିହାରୁ ପ୍ରଚଳିତ ହୋଇ ଆସୁଥିବା ଆଇନ୍‌ଗୁଡ଼ିକ ବଦଳରେ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଭାରତୀୟ ସାକ୍ଷ୍ୟ ଅଧିନୀୟମ ୨୦୨୩ ପରି ନୂତନ ନିୟମ ଗୁଡ଼ିକ ଲାଗୁ କରାଯାଇଥିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ପୂର୍ବରୁ ଥିବା ବ୍ୟବସ୍ଥାରେ ନ୍ୟାୟ ପ୍ରଦାନରେ ବିଳମ୍ବ ହେଉଥିଲା। ତାରିଖ ପରେ ତାରିଖ ଗଡ଼ି ଚାଲିଥିଲା। କିନ୍ତୁ ନୂଆ ଆଇନରେ ମାମଲାର ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଇଛି। ଯାହା ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ। ସେହିପରି ନୂତନ ଆଇନରେ ମାମଲାର ତ୍ୱରିତ ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଇଥିବା ନେଇ ସୂଚନା ଦିଆଯାଇଥିଲା। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ବିମଳ କୁମାର ବାରିକ, ଆଇଆଇସି ଜ୍ୟୋତି ପ୍ରକାଶ ସ୍ୱାଇଁ, ତହସିଲଦାର ଧୋବେଇ ନାୟକ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ଖବରଦାତାମାନେ ଉପସ୍ଥିତ ଥିଲେ।



ସମ୍ମିଳନୀରେ ଆଇନଜୀବୀ, ପୋଲିସ ଅଧିକାରୀ ଓ ଖବରଦାତାମାନେ।

## ନୂଆ ଆଇନର ଲୋକାଭିମୁଖୀ ଶିବିର



ତହସିଲଦାର ଆଇନ ବିଷୟରେ ବୁଝାଉଛନ୍ତି।

ନୂଆଗାଁ,୧୭ (ଧନେଶ୍ୱର ସାହୁ)

ସାରା ଦେଶରେ ୩ ଗୋଟି ନୂଆ ଅପରାଧିକ ଆଇନ କାର୍ଯ୍ୟକାରୀ କରାଯାଇଛି। ତେଣୁ ସେହି ପରିବର୍ତ୍ତିତ ଆଇନଗୁଡ଼ିକ କିଭଳି ଲୋକାଭିମୁଖୀ ହୋଇପାରିବ ସେ ନେଇ ସୋମବାର ନୂଆଗାଁ ଥାନା ପରିସରରେ ଏକ ଶିବିର ଅନୁଷ୍ଠିତ ହୋଇଯାଇଛି। ଦେଶର ଆଇନରେ ପରିବର୍ତ୍ତନ କରାଯାଇଛି। ଇଣ୍ଡିଆନ ପେନାଲ କୋର୍ଡ ୧୮୬୦ ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା, କୋଡ ଅଫ୍ କ୍ରିମିନାଲ ପ୍ରୋସିକିଓର ୧୯୭୩ ପରିବର୍ତ୍ତେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଇଣ୍ଡିଆନ ଏଭିଡେନସ ଆକ୍ଟ ୧୮୭୨ ପରିବର୍ତ୍ତେ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ପ୍ରଣୟନ କରାଯାଇଛି। ତେବେ ଉକ୍ତ ପରିବର୍ତ୍ତିତ ଆଇନଗୁଡ଼ିକ ବାବଦରେ କିଭଳି ଲୋକମାନେ ଅବଗତ ହୋଇପାରିବେ ସେହି ଉଦ୍ଦେଶ୍ୟରେ ନୂଆଗାଁ ଥାନା ପକ୍ଷରୁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ନୂଆଗାଁ ଥାନାଧିକାରୀ ଶରତ ଚନ୍ଦ୍ର ସେଠୀ , ମହୀପୁର ଫାଣ୍ଡି ଅଧିକାରୀ ବିରଞ୍ଚି ନାରାୟଣ ଅମାତ ଯୋଗଦେଇ ପରିବର୍ତ୍ତିତ ଆଇନ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ବୁଝାଇବା ସହ ଏହି ଆଇନଗୁଡିକ ବିଷୟରେ ଲୋକମାନଙ୍କୁ ଅବଗତ କରାଇବା ପାଇଁ କହିଥିଲେ। ଏଥିରେ ନୂଆଗାଁ ଥାନାର ସମସ୍ତ କର୍ମଚାରୀ, ନୂଆଗାଁ ଥାନା ଆମ ପୋଲିସ ସମିତିର ସଦସ୍ୟ, ନୂଆଗାଁ ଅଞ୍ଚଳର ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ।

# ବନ ମହୋତ୍ସବ ଅବସରରେ ଚାରାରୋପଣ



ଖଣ୍ଡପଡ଼ା,୧୭(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ବନ ମହୋତ୍ସବ ପରିପ୍ରେକ୍ଷୀରେ ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ପକ୍ଷରୁ ସୋମବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁଲାଇ ୧ ଠାରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ବ୍ୟାପୀ ପାଳନ କରାଯାଉଥିବା ବେଳେ ୟୁଥ ରେଡକ୍ରସ ଯୁକ୍ତ ୨ ଶାଖା ପକ୍ଷରୁ ଛାତ୍ରୀମାନେ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ପ୍ରଦତ୍ତ ଗଛ ଚାରାକୁ କଲେଜ ପରିସରରେ ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରା ରୋପଣ କରିବା ସହିତ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଯୁକ୍ତ ୨ ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ର, ରେଡକ୍ରସ ଉପଦେଷ୍ଟା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକଙ୍କ ସମେତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀଙ୍କ ସହିତ ଶତାଧିକ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। 'ମା'ଙ୍କ ନାମରେ ବୃକ୍ଷଟିଏ' ମନ୍ତ୍ରରେ ଅନୁପ୍ରାଣିତ ହେବା ପାଇଁ ଅଧ୍ୟକ୍ଷା ଓ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ପରିବେଶର ପୁନରୁଦ୍ଧାର ପାଇଁ ଏହି ପ୍ରୟାସ ପ୍ରଶଂସନୀୟ ବୋଲି ଅଧ୍ୟାପିକାଅଧ୍ୟାପକମାନେ ମତପୋଷଣ କରିଥିଲେ। ସେହିପରି ଖଣ୍ଡପଡ଼ା ବ୍ଲକର ସିଂଘାପଡା ପଞ୍ଚାୟତ ଅଧୀନ ଦତପୋଖରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ ମହୋତ୍ସବ ପାଳନର ମହତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ବନାଞ୍ଚଳ ଅଧିକାରୀ, ଶିକ୍ଷୟତ୍ରୀଶିକ୍ଷକ, ଛାତ୍ରୀଛାତ୍ରଙ୍କ ଗହଣରେ ଅନୁଷ୍ଠାନ ପରିସରରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ବନପାଳ ସନାତନ ସ୍ୱାଇଁ, କୈଳାସ ଚନ୍ଦ୍ର ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ।

## ମାରଣାସ୍ତ୍ର ଦେଖାଇ ବଟି ମାଗିବା ଅଭିଯୋଗ, ୩ ଗିରଫ

ବ୍ରହ୍ମପୁର,୧୭(ସୁବାସ ଚନ୍ଦ୍ର ପାଢ଼ୀ)

ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଅଟକାଇ ବଟି ମାଗିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ୩ ଯୁବକଙ୍କୁ ଗିରଫ କରିଛି । ସେମାନେ ହେଲେ ନୂଆ ଯୋଗୀଆପଲ୍ଲୀର ଜୀବନ ଦାସ(୨୪), ନିଲୁ ନାୟକ(୨୧) ଓ ଝାଡାଙ୍କୁଲିର ରାଜେଶ ଦାସ(୨୨) । ଅଭିଯୁକ୍ତମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଗୁରୁଣ୍ଡିର ଚନ୍ଦ୍ରଶେଖର ଦାସ ଗତ ୨୯ ତାରିଖରେ ନିଜ କାମରେ ଯାଉଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ସାତକୁଟୁଣି ଛକ ଠାରେ ଅଟକାଇ ମାରଣାସ୍ତ୍ର ଦେଖାଇ ବଟି ମାଗିଥିଲେ। ସେ ମନା କରିବାରୁ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଚନ୍ଦ୍ରଶେଖର ନିମଖଣ୍ଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଘଟଣାର ତଦନ୍ତ କରି ୩ ଅଭିଯୁକ୍ତଙ୍କୁ କାବୁ କରିଥିଲା।

## ଗାୟତ୍ରୀ ବିଦ୍ୟା ମନ୍ଦିର ପ୍ରତିଷ୍ଠା ଦିବସ

ଓଡ଼ଗାଁ,୧୭(ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତୀଖାରି ଗ୍ରାମପଞ୍ଚାୟତ ମଶାବାରିଠାରେ ଥିବା ଗାୟତ୍ରୀ ବିଦ୍ୟା ମନ୍ଦିରର ୩୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିର ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ଶିକ୍ଷାବିତ୍ ଅଶୋକ କୁମାର ମହାପାତ୍ର ଯୋଗଦେଇ ଜନ୍ମଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟାମନ୍ଦିର ଦ୍ୱାରା ଅନୁଷ୍ଠିତ ହୋଇଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ବିବରଣୀ ରଖିଥିଲେ। ଏହାସହ ଅନୁଷ୍ଠାନରୁ ଉତ୍ତିର୍ଣ୍ଣ ବିଦ୍ୟାର୍ଥୀମାନେ ଆଜି ରାଜ୍ୟ, ଦେଶ ଏବଂ ବିଦେଶର ବିଭିନ୍ନ ସେବାରେ ବ୍ରତି ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏବେ ଶିକ୍ଷା ବ୍ୟବସ୍ଥାରେ ଆମୁଳଚୁଳ ପରିବର୍ତ୍ତନ କରାଯାଇ ନୂଆ ଶିକ୍ଷାନୀତି ଲାଗୁ ହୋଇଥିବାରୁ ବର୍ତ୍ତମାନର ଶିଶୁମାନଙ୍କଠାରେ ଆଗାମୀଙ୍କ ୨୦ବର୍ଷ ପରେ ତାହାର ସଫଳତା ଦେଖିବାକୁ ମିଳିବ। ଏବେ ଅତି ସନ୍ତର୍ପଣ ଓ ସାବଧାନ ସହକାରେ ଶିକ୍ଷାଦାନ ବେଳେ ବିଦ୍ୟାର୍ଥୀମାନଙ୍କୁ ସହଯୋଗ କରିବା ଜରୁରୀ ହୋଇପଡ଼ିଛି ବୋଲି କହିଥିଲେ। ବିଦ୍ୟାମନ୍ଦିର ଶିକ୍ଷୟିତ୍ରୀଶିକ୍ଷକମାନେ ଶିଶୁମାନଙ୍କୁ ବିଭିନ୍ନ ପ୍ରକାର କଥା ଓ ଗୀତ ଗାଇ ସେମାନଙ୍କର ମନୋରଞ୍ଜନ କରିବା ସହିତ ମିଷ୍ଟାନ୍ନ ବଣ୍ଟନ କରିଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ—ଜେଡଏସ୍‌ଆଇ ଚୁକ୍ତିପତ୍ର ସ୍ୱାକ୍ଷର

ବ୍ରହ୍ମପୁର,୧୭(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଜେଡଏସଆଇ ମଧ୍ୟରେ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଛି। କଲିକତାସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରର ୧୦୯ ତମ ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ର ମନ୍ତ୍ରୀ ଉପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ଏହି ଚୁକ୍ତି ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଏବଂ ଜେଡଏସଆଇର ନିର୍ଦ୍ଦେଶିକା ଡ଼.ଧୃତି ବାନାର୍ଜୀଙ୍କ ସମେତ ବୈଜ୍ଞାନିକ, ପ୍ରଫେସର ଉପସ୍ଥିତ ଥିଲେ। ଏହି ଚୁକ୍ତି ଦ୍ୱାରା ଶିକ୍ଷା, ଗବେଷଣା ଓ ପରୀକ୍ଷାଗାର, ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ଗବେଷିକା, ଛାତ୍ର ଛାତ୍ରୀ ଉନ୍ନତ ମାନର ଜ୍ଞାନ କୌଶଳ ଆହରୋଣ କରିପାରିବେ। ତାହାସହ ଛାତ୍ରୀଛାତ୍ର ଉଭୟ ଅନୁଷ୍ଠାନରେ ନାମ ପଞ୍ଜିକୃତ କରି ପିଏଚଡ଼ି ସୁବିଧା ପାଇ ପାରିବେ। ପ୍ରାଣୀ, ସାମୁଦ୍ରିକ, ପରିବେଶ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ ବୋଲି ବିଶବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ପାଠଚକ୍ର

ବ୍ରହ୍ମପୁର,୧୭(ସ୍ୱାଧୀନ ଶେଖର ପାଢ଼ୀ)

ରାଜନିତୀ ବିଜ୍ଞାନ ବିଭାଗ ପକ୍ଷରୁ ଏକ ପାଠଚକ୍ର ସୋମବାର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩, ଭାରତୀୟ ସାକ୍ଷୀ ଅଧିନିୟମ ୨୦୨୩ଭଳି ଲାଗୁ ହୋଇଥିବା ନୂତନ ୩ ନିୟମ ଉପରେ ଚର୍ଚ୍ଚା ହୋଇଥିଲା । କୁଳପତି ଗୀତାଞ୍ଜଳି ଦାସଙ୍କ ନିର୍ଦ୍ଦେଶକ୍ରମେ ରାଜନୀତି ବିଭାଗ ପକ୍ଷରୁ ପାଠ୍ୟଚକ୍ର ଅନୁଷ୍ଠିତ ହୋଇଥିଲା। ଦୁଇ ଗୁରତ୍ୱପୂର୍ଣ୍ଣ ଆଇନ ବିଶାରଦ ଯଥା ପ୍ରଫେସର ନାରାୟଣ ଚରଣ ପଟ୍ଟନାୟକ ପ୍ରିନ୍ସପାଲ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟ ବ୍ରହ୍ମପୁର ଏବଂ ଆଡଭୋକେଟ ପୀତବାସ ପଣ୍ଡା ମେମ୍ବର ଷ୍ଟେଟ ବାର କାଉନସିଲ ଅତିଥିଭାବେ ଯୋଗ ଦେଇଥିଲେ । ନୂଆ ଫୌଜଦାରୀ ଆଇନ ଏବଂ ତା'ର କାର୍ଯ୍ୟକାରିତା ଉପରେ ପାଠ୍ୟଚକ୍ରର ବିଷୟବସ୍ତୁ ଥିଲା । ଏଥିରେ ବରିଷ୍ଠ ଦର୍ଶନଶାସ୍ତ୍ର ବିଭାଗୀୟ ମୁଖ୍ୟ ଯତୀନ ବିଷୋୟୀ, ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ଡ଼ ଗୌତମ ସାବତ, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ବରୁଣ କୁମାର ବେହେରା, ରାଜନିତୀ ବିଜ୍ଞାନ ଅଧ୍ୟାପକ ଡ଼ ସୁସ୍ମିତା ପଟ୍ଟନାୟକ, ଜୀବ ବିଜ୍ଞାନ ବିଭାଗ ମୁଖ୍ୟ ଡ଼ ସୁଶୀଲ କୁମାର ରାଥୋଡ଼, ବାଣିଜ୍ୟ ବିଭାଗ ମୁଖ୍ୟ ଡ଼ ଅନ୍ନପୂର୍ଣ୍ଣା ସାହୁଙ୍କ ସମେତ ଅନେକ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ଯଦୁପୁରରେ ମଦ କାରବାରକୁ ବନ୍ଦ ପାଇଁ ଏସ୍‌ପିଙ୍କୁ ଫେରାଦ୍

## ମଦ ବ୍ୟବସାୟୀଙ୍କୁ ଧରାଇଲେ ମିଥ୍ୟା ମାମଲାରେ ଗିରଫ

ନୟାଗଡ଼,୧୭ (ଲୋକନାଥ ମିଶ୍ର)



ନୟାଗଡ଼ ସଦର ଥାନା ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ଗାଁରେ ଦେଶୀ ମଦର ଅବାଧ କରାବାର ଚାଲିଛି। ମଦ କାରବାରକୁ ବନ୍ଦ କରିବାକୁ ଗାଁରେ ମହିଳାପୁରୁଷମାନେ ସୋମବାର ନୟାଗଡ଼ ଏସ୍‌ପିଙ୍କୁ ଭେଟି ଫେରାଦ୍ ହୋଇଛନ୍ତି। ଗାଁ ଲୋକଙ୍କ ଅଭିଯୋଗ ଅନୁସାରେ, ଗାଁରେ ୮ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଦେଶୀ ମଦ ବିକ୍ରି କରୁଛନ୍ତି। ଗାଁରେ କେଉଁମାନେ ମଦ ବିକ୍ରି କରୁଛନ୍ତି ସେମାନଙ୍କ ନାଁ ଗାଁ ଲୋକ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ତେବେ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ପାଇଁ ସୂଚନା ଦିଆଗଲେ ପୋଲିସ ନାଁ ଗୁପ୍ତ ରଖୁନି। ଏଣୁ ମଦ ବ୍ୟବସାୟୀ ଧମକ ଚମକ ଦେଇ ବଳାତ୍କାର ପରି ମିଥ୍ୟା କେସରେ ଫସାଇ ଗାଁ ଲୋକଙ୍କୁ ହଇରାଣ ହରକତ କରୁଛନ୍ତି। ଅବକାରୀ ବିଭାଗର କର୍ମଚାରୀମାନେ ମଧ୍ୟ ସହଯୋଗ କରୁନାହାନ୍ତି। ଗାଁରେ ମଦ ବ୍ୟବସାୟ ବଢୁଥିବାରୁ ମଦ୍ୟପାନ କରି କେତେଜଣ ଲୋକ ମରି ସାରିଲେଣି। ଆଉ କେତେଜଣ ଲୋକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳିସ୍ଥଳେ କର୍ତ୍ତବ୍ୟରେ ଅବହେଳା କରୁଥିବା ଆଇଆଇସି ହୁଅନ୍ତୁ ଅଥବା ପୋଲିସ ସେମାନଙ୍କୁ ବଦଳି କରାଯାଉ। ଗାଁରେ ମଦ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କୁ ଗିରଫ କରି ମଦ ବ୍ୟବସାୟକୁ ବନ୍ଦ କରାଯାଉ ବୋଲି ଦାବି ରହିଛି।

# ପିଏମ୍ଏୱାଇ: ୫୫,୪୯୫ ଗୃହ ଅସମ୍ପୂର୍ଣ୍ଣ

## ଡିସେମ୍ବର ସୁଦ୍ଧା ନ ସରିଲେ ପାଣ୍ଠି ବନ୍ଦ

ଯାଜପୁର, ୧୭(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଗୃହ ନିର୍ମାଣ ଯୋଜନାରେ ୨,୧୫,୧୬୪ ପରିବାରକୁ ପକ୍କାଗୃହ ଯୋଗାଇ ଦେବା ପାଇଁ କାର୍ଯ୍ୟାଦେଶ ଦେଇଛନ୍ତି। ଏଥିପାଇଁ ୩୨୪୫ କୋଟି ଟଙ୍କା ବ୍ୟୟ ହୋଇଛି। ଅଥଚ ସହରାଞ୍ଚଳର ସମସ୍ତ ଗରିବ ଓ ଝୁମ୍ପୁଡିବାସୀଙ୍କୁ ପକ୍କା ଘର ଯୋଗାଇ ଦେବାରେ ସଫଳତା ମିଳିନାହିଁ। ବାସଗୃହ ଯୋଗାଇ ଦେବାରେ ବ୍ୟାପକ ଅନିୟମିତତା ହେବା ସହ ହାତଗୁଞ୍ଜା ନ ଦେଲେ ଘର ମିଳୁ ନ ଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ମିଶନ ଡାଇରେକ୍ଟର ଦେବାଶିଷ ସିଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍ଏୱାଇ)ରେ ୧୧୪ ସହରାଞ୍ଚଳର ନିର୍ମାଣାଧୀନ ୩୨,୨୭୫ ଗୃହ, ଆରମ୍ଭ ହୋଇ ନ ଥିବା ୧୭,୯୧୫ ଏବଂ ଜିଓଟ୍ୟାଗ ସଂଯୁକ୍ତ ହୋଇ ନ ଥିବା ୫,୩୦୫ଟିକୁ ମିଶାଇ ମୋଟ ୫୫,୪୯୫ ଗୃହକୁ ତୁରନ୍ତ ଶେଷ କରିବାକୁ ଏକ ଗାଇଡ୍ଲାଇନ ପ୍ରସ୍ତୁତ କରିଛନ୍ତି। ଉକ୍ତ ଗାଇଡଲାଇନ ଅନୁସାରେ ଯଦି ହିତାଧିକାରୀ ଘର ସମ୍ପୂର୍ଣ୍ଣ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି ତେବେ ତାଙ୍କୁ ଭବିଷ୍ୟତରେ ପିଏମ୍ଏୱାଇ ଯୋଜନାରେ ଆଉ ଘର ମିଳିବ ନାହିଁ ବୋଲି ସ୍ପଷ୍ଟ ସୂଚନା ଦେଇଛନ୍ତି। ସେଥିପାଇଁ ଆବଶ୍ୟକ ପଡ଼ିଲେ ମାଇକ ଯୋଗେ ପ୍ରଚାର ସହ ପୋଷ୍ଟର, ବ୍ୟାନର, ବୈଠକ ଆଦି ଆୟୋଜନ କରି ସଚେତନ କରିବାକୁ ମିଶନ ଡାଇରେକ୍ଟର ସିଂ ରାଜ୍ୟର ସମସ୍ତ ସହରାଞ୍ଚଳର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ୨୦୨୪ ଡିସେମ୍ବର ସୁଦ୍ଧା ଉପରୋକ୍ତ ଅସମ୍ପୂର୍ଣ୍ଣ ଘରଗୁଡ଼ିକ ସମ୍ପୂର୍ଣ୍ଣ ନ କଲେ କେନ୍ଦ୍ରରୁ ଆଉ ପାଣ୍ଠି ମିଳିବ ନାହିଁ ବୋଲି ମିଶନ ଡାଇରେକ୍ଟର ସିଂ ସ୍ପଷ୍ଟ ଭାବେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାସହ ଏନେଇ ସମସ୍ତ ତଥ୍ୟ ସଂଗ୍ରହ କରି ଜୁଲାଇ ୧୫ ତାରିଖ ସୁଦ୍ଧା ବିଭାଗରେ ରିପୋର୍ଟ ଦାଖଲ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ପିଏମ୍ଏୱାଇରେ ଅଦ୍ୟାବଧି ୧,୮୯,୭୫୫ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିବା ସୂଚନା ମିଳିଛି। ହେଲେ ଏ ପର୍ଯ୍ୟନ୍ତ ୫୫,୪୯୫ ଘର ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଏହାକୁ ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨୦୨୨ ସୁଦ୍ଧା ସମସ୍ତ ମଞ୍ଜୁର ଘର ଶେଷ କରିବାକୁ ଧାର୍ଯ୍ୟ ହୋଇଥିଲା। ତେବେ ରୁଫ୍ ଷ୍ଟେଜ୍ରେ ଥିବା ଘରଗୁଡ଼ିକୁ ୩୦ ଦିନ ମଧ୍ୟରେ, ଲିଣ୍ଟେଲ ଷ୍ଟେଜ୍ ଘରଗୁଡ଼ିକୁ ୪୫ ଦିନରେ, ଫାଉଣ୍ଡେଶନ ଷ୍ଟେଜ୍ ଘରଗୁଡ଼ିକୁ ୬୦ ଦିନରେ ଏବଂ ଆରମ୍ଭ ହୋଇ ନ ଥିବା ଘରଗୁଡ଼ିକୁ ୧୨୦ ଦିନରେ ସମ୍ପୂର୍ଣ୍ଣ କରିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଯେଉଁ ହିତାଧିକାରୀମାନଙ୍କୁ ଜିଓଟ୍ୟାଗରେ ସଂଯୁକ୍ତ କରାଯାଇନାହିଁ ସେମାନଙ୍କୁ ୫ ଦିନ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ହୋଇଛି।

ଗରିବ ଲୋକଙ୍କ ସରଳତାର ସୁଯୋଗ ନେଇ ବାସଗୃହ ଯୋଗାଇ ଦେବାରେ ବ୍ୟାପକ ଅନିୟମିତତା ହୋଇଥିବା ପୂର୍ବରୁ ନଜିର ରହିଛି। ରାଜୀବ ଆବାସ ଯୋଜନାରେ ଯାଜପୁର ପୌରାଞ୍ଚଳକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ୨୦୧୮ ଜୁଲାଇରେ କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି)ଙ୍କ ତଦନ୍ତ ରିପୋର୍ଟରେ ହିତାଧିକାରୀ ଚୟନରେ ପାତରଅନ୍ତର ହୋଇଥିବା ଦର୍ଶାଯାଇଥିଲା। ସିଏଜି ରିପୋର୍ଟକୁ ଭିତ୍ତିକରି ଗୃହ ଓ ନଗର ଉନ୍ନୟନ ବିଭାଗର ତତ୍କାଳୀନ ସ୍ପେଶିଆଲ ଡ୍ୟୁଟି ଅଧିକାରୀ ବିଜୟଲକ୍ଷ୍ମୀ ଜେନା ୧୭।୭।୨୦୧୮ରେ ଯାଜପୁର ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଜବାବ ତଲବ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ତଦନ୍ତ ପ୍ରକ୍ରିୟା ଦବି ଯାଇଥିଲା। ଏଭଳି ଦୁର୍ନୀତି ଯୋଗୁ ସହରାଞ୍ଚଳରେ ଏବେ ବି ଲକ୍ଷାଧିକ ଲୋକଙ୍କୁ ପକ୍କାଘର ମିଳିପାରିନାହିଁ ବୋଲି ମତପ୍ରକାଶ ପାଇଛି। ତେବେ ଅସମ୍ପୂର୍ଣ୍ଣ ଘରଗୁଡ଼ିକୁ ସମ୍ପୂର୍ଣ୍ଣ କରିବାରେ ନିର୍ବାହୀ ଅଧିକାରୀମାନଙ୍କୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ମିଶନ ଡାଇରେକ୍ଟର ସିଂ ସୋମବାର ନିର୍ଦ୍ଦେଶ ଜାରି କରିଛନ୍ତି।

## ସିଲ୍ ହେବ ବଲେ ବଲେ ଢାବା

ଧର୍ମଶାଳା, ୧୭ (ବଟକୃଷ୍ଣ ପରିଡା)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁରସ୍ଥିତ ବଲେ ବଲେ ଢାବା ସିଲ୍ ହେବ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୋମବାର ସୂଚନା ଦେଇଛନ୍ତି। ନେଉଳପୁରସ୍ଥିତ ଧର୍ମଶାଳା ଭବନ ପରିସରରେ ଥିବା ଏହି ଢାବା ବେଆଇନ ଭାବେ ଚାଲିଥିବା ଦର୍ଶାଇ ଏହାର ତଦନ୍ତ କରିବାକୁ ନବନିର୍ବାଚିତ ବିଧାୟକ ହିମାଂଶୁ ଶେଖର ସାହୁ ସମୀକ୍ଷା ବୈଠକରେ ବିଡିଓଙ୍କୁ କହିଥିଲେ। ବିଡିଓ ଏହାର ତଦନ୍ତ କରି ଢାବାକୁ ଖାଲି କରିବାକୁ ନୋଟିସ ଜାରି କରିଥିଲେ। ଗତ ୨୮ ତାରିଖରେ ବ୍ଲକର କର୍ମଚାରୀ ନୋଟିସ ଧରି ସେଠାରେ ପହଞ୍ଚିବା ବେଳେ ଢାବାଟି ବନ୍ଦ ଥିବା ଦେଖି ଲଟକା ଜାରି କରିଥିଲେ। ୩ ଦିନ ମଧ୍ୟରେ ଢାବାକୁ ଖାଲି କରିବାକୁ ନୋଟିସରେ ଉଲ୍ଲେଖ କରାଯାଇଥିଲା। ଇତିମଧ୍ୟରେ ଢାବାରେ ଥିବା ସମସ୍ତ ସାମଗ୍ରୀ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଆମ ଗାଁ ଆମ ବିକାଶ ଓ ଏମଜିଏନ୍ଆର୍ଇଜିଏସ୍ ପାଣ୍ଠିରେ ଢାବା ନିର୍ମାଣ ହୋଇଥିବାବେଳେ ଏଥିରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି। ତେବେ ଏହା କାହାକୁ ଲିଜ୍ ଦିଆଯାଇଛି ସେ ସମ୍ପର୍କରେ ବ୍ଲକରେ କୌଣସି ତଥ୍ୟ ରହି ନ ଥିବାବେଳେ ଏକ କମିଟି ଗଠନ କରାଯାଇ ଏହାର ତଦନ୍ତ କରାଯିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ କମ୍ରେଶ


@ ସଞ୍ଜୀବ


@ ସ୍ୱାଧୀନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଝିଅ ବେଶରେ ପଳାଉଥିବା ଅଭିଯୁକ୍ତ ଗିରଫ

## ସ୍ତ୍ରୀ, ଭାଇଙ୍କୁ ମରଣାନ୍ତକ ଆକ୍ରମଣ:

ମାର୍ଶାଘାଇ, ୧୭ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)


ବିକ୍ରମ ଦାସ

ମାର୍ଶାଘାଇ ବ୍ଲକ ତଥା ପାଟକୁରା ଥାନା ଅନ୍ତର୍ଗତ ମଧୁସୂଦନପୁର ଗ୍ରାମରେ ସ୍ତ୍ରୀ ଓ ସାନ ଭାଇଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ସ୍ୱାମୀ ଝିଅ ବେଶରେ ଖସି ପଳାଉଥିବା ବେଳେ ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

ଘଟଣାରୁ ପ୍ରକାଶ, ମଧୁସୂଦନପୁର ଗ୍ରାମର ବିକ୍ରମ ଦାସ ରବିବାର ଅପରାହ୍ନରେ କୌଣସି କାରଣକୁ ନେଇ ସ୍ତ୍ରୀ ସୁଭଦ୍ରାଙ୍କୁ ଘରୁ ଟାଣି ଆଣି ରାସ୍ତାରେ ମାଡ ମାରିଥିଲେ। ବିକ୍ରମଙ୍କ ସାନ ଭାଇ ସଂଗ୍ରାମ ଏ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସନ୍ଧ୍ୟାରେ ସଂଗ୍ରାମ ଘର ବାହାରେ ବସିଥିବା ବେଳେ ବିକ୍ରମ ତାଙ୍କୁ ଆକ୍ରମଣ କରିଥିଲେ। ଗାଁ ଲୋକଙ୍କଠାରୁ ଖବରପାଇ ପୋଲିସ ତାଙ୍କୁ ଧରିବାକୁ ଉଦ୍ୟମ କରୁଥିବା ବେଳେ ସେ ଖସିଯାଇ ଥିଲେ। ସେ ତାର ଶଶୁ ଘର ମାର୍ଶାଘାଇ ଥାନା ଅନ୍ତର୍ଗତ ଗିରଙ୍ଗକୁ ଯାଇଥିବା ଖବରପାଇ ପାଟକୁରା ପୋଲିସ ମାର୍ଶାଘାଇ ଥାନାର ସହଯୋଗ ଲୋଡ଼ିଥିଲା। ମାର୍ଶାଘାଇ ପୋଲିସ ଗିରଙ୍ଗ ଯିବା ଖବରପାଇ ବିକ୍ରମ ଝିଅ ପିଲା ବେଶ ହୋଇ ଲିଫ୍ଟ ମାଗି କେନାଲ ବ୍ରିଜ ଛକ ଓ ପରେ ହଳଦିଆଗଡାରେ ପହଞ୍ଚି ଥିଲେ। ପୂର୍ବରୁ ସେଠାରେ ଥିବା ପାଟକୁରା ପୋଲିସ ତାଙ୍କୁ କାବୁ କରିଥିଲା। ଆକ୍ରମଣରେ ଆହତ ହୋଇଥିବା ସ୍ତ୍ରୀ ସୁଭଦ୍ରା କେନ୍ଦ୍ରାପଡ଼ା ଓ ସାନ ଭାଇ ସଂଗ୍ରାମ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପାଟକୁରା ପୋଲିସ ନଂ. ୧୫୮/୨୪ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ବିକ୍ରମ ୬ ବର୍ଷ ପୂର୍ବେ ଜମିବାଡ଼ି ଘଟଣାକୁ କେନ୍ଦ୍ରକରି ସେହି ଗ୍ରାମର ଧୋଉ ଦାସ (୮୫), ସ୍ତ୍ରୀ ସୋରିଆ (୭୫) ଓ ଝିଅ ପ୍ରତିମା(୪୦)ଙ୍କୁ ପିଟି ପିଟି ହତ୍ୟା କରିଥିଲେ। ମାତ୍ର ସାକ୍ଷ୍ୟ ପ୍ରମାଣ ଅଭାବରୁ ଗତ ୪ ମାସ ହେଲା ଜେଲରୁ ମୁକୁଳି ଥିଲେ।

# କନକଦୁର୍ଗା ପୀଠରୁ ସୁନା, ରୁପା ଅଳଙ୍କାର ଚୋରି

## ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତତ୍ପର

ଜଗତ୍ସିଂହପୁର, ୧୭ (ପ୍ରମୋଦ କୁମାର ନାୟକ)



ଜଗତ୍ସିଂହପୁର ଥାନା ଅନ୍ତର୍ଗତ ପିତେଇପୁର ଓ ଆଖପାଖ ଗାଁର ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗାଙ୍କ ମନ୍ଦିର ପରିସରରୁ ବହୁ ମୂଲ୍ୟର ସୁନା, ରୁପା ଅଳଙ୍କାର ଓ ଅନ୍ୟ ସାମଗ୍ରୀ ଚୋରି ହୋଇଯାଇଛି। ଦୁର୍ବୃତ୍ତମାନେ ଯୋଜନାବଦ୍ଧ ଭାବେ ରବିବାର ବିଳମ୍ବିତ ରାତିରେ ମନ୍ଦିର ତାଲା କାଟି ଚୋରି କରିନେଇଛନ୍ତି। ସୂଚନା ଆଧାରରେ ଜଗତ୍ସିଂହପୁର ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ମନ୍ଦିରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ମାମଲାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଆଇଆଇସି ଗୋକୁଳ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ପୂଜକ ରବୀନ୍ଦ୍ର ନାୟକ କହିଛନ୍ତି, ଭୋର ପ୍ରାୟ ୪ଟା ୩୦ରୁ ୪ଟା ୫୦ ମଧ୍ୟରେ ସେ ମନ୍ଦିର ପରିସର ଓଳାଇବା ପାଇଁ ଆସିଥିଲେ। ପ୍ରତିଦିନ ପରି ପ୍ରଥମେ ମା'ଙ୍କୁ ଦର୍ଶନ କରିଥିଲେ। ତା'ପରେ ଫାଟକ ଆଡ଼କୁ ଦେଖିଲାବେଳକୁ ୩ଟା ତାଲା କଟାଯାଇଥିବା ଜାଣିପାରିଥିଲେ। ଏହା ଦେଖି ସେ ବିଚଳିତ ହେବା ସହ ମନ୍ଦିର ପଛପଟେ ଲାଗିଥିବା ଅବଶିଷ୍ଟ ତାଲା କଟାଯାଇଛି କି ନାହିଁ ଜାଣିବା ପାଇଁ ଯାଇଥିଲେ। ପଛପଟ ପାଚେରି ଚାରିପଟେ ଲାଇଟ୍ ଜଳେ। କିନ୍ତୁ ଦୁର୍ବୃତ୍ତମାନେ ସେଥିରୁ ୨ଟା ବଲ୍ବ ଖୋଲି ତଳେ ରଖିଥିବା ଦେଖିବାକୁ ପାଇଥିଲେ। କିନ୍ତୁ ତାଲା ସୁରକ୍ଷିତ ଥିଲା। ଏହା ଦେଖି ସେ ତତ୍କାଳ ସେବାୟତ ସଭ୍ୟ ନିରଞ୍ଜନ ନାୟକଙ୍କୁ ଫୋନ କରି ସୂଚନା ଦେଇଥିଲେ। ତା'ପରେ ମନ୍ଦିରରୁ କ'ଣ ସବୁ ଚୋରି ଯାଇଥିଲା ତାହା ଜଣାପଡ଼ିଥିଲା। ମା'ଙ୍କ ୨ଟା ମୁକୁଟ (୨ରୁ ୨.୫ କିଲୋଗ୍ରାମ) ସହ ଅନ୍ୟ ଅଳଙ୍କାର ଚୋରି ହୋଇଥିବା ଜଣାପଡ଼ିଥିଲା। ଏପରି କି ମା' ପରିଧାନ କରିଥିବା ପାଖାପାଖି ଅଢ଼େଇରୁ ତିନି ଭରିର ମଥାମଣି, ଟିକିଲି, ଲକେଟ୍ ଓ ଚିତା ଆଦି ଚୋରି ହୋଇଯାଇଥିଲା। ଏହାବାଦ୍ ଘଣ୍ଟ ଓ ଘଣ୍ଟା ମଧ୍ୟ ଚୋରି ହୋଇଯାଇଛି। ଚୋରି ହୋଇଥିବା ଚାନ୍ଦି ଅଳଙ୍କାର ପରିମାଣ ୩.୫ରୁ ୪ କିଲୋଗ୍ରାମ ଓ ସୁନା ଗହଣା ୩ ଭରିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଏ ପରିସ୍ଥିତିରେ ପୂଜକ ନାୟକ ବିଧାୟକଙ୍କୁ ଫୋନ କରି ଜଣାଇଥିଲେ। ବିଧାୟକ ଥାନାଧିକାରୀଙ୍କୁ ସୂଚନା ଦେବା ପରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଥିବା ପୂଜକ କହିଛନ୍ତି। ଏ ସମ୍ପର୍କରେ ଆଇଆଇସି ଦାସ କହିଛନ୍ତି, ପ୍ରତ୍ୟୁଷରୁ ଟେଲିଫୋନିକ୍ କଲ୍ ପାଇ ପୋଲିସ କନକଦୁର୍ଗା ମନ୍ଦିରରେ ପହଞ୍ଚିଥିଲା। ସନ୍ଧାନୀ କୁକୁର ଏକ ନିର୍ଦ୍ଦିଷ୍ଟ ଦିଗକୁ ଲିଙ୍କ୍ ତଦନ୍ତ କରୁଛି। ତଦନ୍ତ ଆଗେଇଲେ ସ୍ପଷ୍ଟ ଚିତ୍ର ଆସିଯିବ ଏବଂ ଚୋରମାନଙ୍କୁ ଗିରଫ କରାଯାଇପାରିବ ବୋଲି ଆଇଆଇସି କହିଛନ୍ତି।

# ବଦଳିଲେ ଚିକିତ୍ସାଧିକାରୀ, ୩ ନର୍ସ

## ଚିକିତ୍ସା ଅବହେଳାରୁ ଯୁବକଙ୍କ ମୃତ୍ୟୁ ଘଟଣା

ଯାଜପୁରରୋଡ଼, ୧୭(ପବିତ୍ର ରଞ୍ଜନ ମହାନ୍ତି):

ରବିବାର ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ଏହି ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏହାପରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସୋମବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସନ୍ତୋଷ ପୃଷ୍ଟିଙ୍କୁ ତାଙ୍କ ସ୍ଥାନରୁ ହଟାଇ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ଦେବାଶିଷ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ଏହା ସହ ୩ ଜଣ ଷ୍ଟାଫ୍ ନର୍ସ କମଳିନୀ ନନ୍ଦ, ସୁନିତା ବେହେରା ଓ ମଧୁସ୍ମିତା ସାହୁଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ସେହିପରି ଚିକିତ୍ସାରେ ଅବହେଳା କରିଥିବା ଡାକ୍ତର ସୌଭାଗ୍ୟ ସୁବୁଦ୍ଧିଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଭିତ୍ତି କରି ସେ ଅନ୍ୟ କୌଣସି ଘରୋଇ ମେଡିକାଲରେ ରୋଗୀ ଦେଖିପାରିବେ ନାହିଁ ବୋଲି ଚିଠି କରାଯାଇଥିବା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହାରଣା ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ରବିବାର ସକାଳେ ଖଣ୍ଡାୟତା ଗ୍ରାମର ପ୍ରଭାତ ସ୍ୱାଇଁ (୩୦) ଦୁର୍ଘଟଣାରେ ଗୁରୁତର ହୋଇଥିଲେ । ଗ୍ରାମବାସୀଙ୍କ ସହାୟତାରେ ପରିବାର ଲୋକ ତାଙ୍କୁ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଦାୟିତ୍ୱରେ ଥିବା ଡା.ସୁବୁଦ୍ଧି ପ୍ରାଥମିକ ଚିକିତ୍ସା କରିବା ସହ ଷ୍ଟାଫ୍ନର୍ସଙ୍କୁ ଅକ୍ସିଜେନ ଓ ଇଞ୍ଜେକ୍ସନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ରେଫର କରିଥିଲେ । ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବା ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି। ହେଲେ ପରିବାର ଲୋକଙ୍କ ଅଭିଯୋଗ କହିଛନ୍ତି, ଡାକ୍ତର ଦେଇଥିବା ନିର୍ଦ୍ଦେଶକୁ ନର୍ସ ମାନେ ଗ୍ରହଣ ନ କରିବାରୁ ପ୍ରଭାତଙ୍କ ମୃତ୍ୟୁ ଘଟିଥିଲା । ଚିକିତ୍ସାରେ ଅବହେଳା ଏହାର ମୁଖ୍ୟ କାରଣ ବୋଲି ସେମାନେ ଦର୍ଶାଇ ଡାକ୍ତରଖାନାରେ ପାଟିତୁଣ୍ଡ କରିବା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା ।

# ଦୋକାନରେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ାଉ



ରାଜକନିକାରେ ଖାଦ୍ୟ ସୁରକ୍ଷା ଅଧିକାରୀ ଫାଷ୍ଟଫୁଡ୍ ଓ ଲସି ଦୋକାନରେ ଚଢ଼ାଉ କରୁଛନ୍ତି ।

ରାଜକନିକା, ୧୭(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର କୁମାର ଦାସ)

- ତଦନ୍ତ କଲେ ନୋଟିସ ଲଗାଇଲେ
- ଦ୍ୱିତୀୟବାର ଆକ୍ସନ ହେବ ବୋଲି କହିଲେ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ବିଭିନ୍ନ ବଜାରରେ ଥିବା ଜଳଖିଆ ଦୋକାନ, ହୋଟେଲ, ଫାଷ୍ଟ ଫୁଡ୍, ଲସି ଦୋକାନ ଉପରେ ସୋମବାର ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଚଢାଉ କରାଯାଇଥିଲା। ଏହି ଚଢାଉ ସମୟରେ ଖାଦ୍ୟର ମାନ, ଖାଦ୍ୟର ପ୍ରସ୍ତୁତି ପ୍ରଣାଳୀ, ବ୍ୟବହାର କରୁଥିବା ଫୁଡ କଲର, ପିଇବା ପାଣି ଆଦି ବିଭିନ୍ନ ଦିଗ ଗୁଡ଼ିକ ଯାଞ୍ଚ କରାଯାଇଛି।

ବ୍ଲକ ଅଧୀନ କଣ୍ଟାପଡ଼ା ବଜାର, ଅଶୋକ ବଜାର, ଚନ୍ଦନ ପୋଖରୀ ଛକରେ ଥିବା ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଫାଷ୍ଟ ଫୁଡ ଦୋକାନଗୁଡ଼ିକରେ ଜଲା ଖାଦ୍ୟ ସୁରକ୍ଷା ଅଧିକାରୀ ବିଭାସ ମଜୁମଦାରଙ୍କ ନେତୃତ୍ୱରେ ଏକ ଟିମ୍ ଅଚାନକ ଚଢ଼ାଉ କରିଥିଲେ। କଣ୍ଟପଡା ବଜାରରେ ଥିବା ଶିବା ଲସି ଦୋକାନରେ ବ୍ୟବହାର ହେଉଥିବା ବିଭିନ୍ନ ପ୍ରକାର କେମିକାଲ ମିଶ୍ରିତ ରଙ୍ଗ, ଦହି, ଛେନା ଓ ଅସ୍ୱାସ୍ଥ୍ୟକର ପରିବେଶ ଥିବାରୁ ନୋଟିସ ଜାରି କରିଥିଲେ। ଯଦି ପୁନର୍ବାର ଏହିସବୁ ଦିଗ ପ୍ରତି ସଚେତନ ଓ ଯତ୍ନବାନ ନ ହୁଅନ୍ତି ବା ଆଗକୁ ଏହିସବୁ ଜିନିଷ ବ୍ୟବହାର କରନ୍ତି, ତେବେ ଅବିଳମ୍ବେ ଦୋକାନକୁ ସିଲ କରି ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏ ଭଳି କେମିକାଲ ଯୁକ୍ତ ରଙ୍ଗ ବୋଳା ଖାଦ୍ୟ ଖାଇଲେ ଦୂରାରୋଗ୍ୟକୁ ନିମନ୍ତ୍ରଣ କରିବାର ସମ୍ଭାବନାକୁ ଏଡାଇ ଦିଆଯାଇପାରିବ ନାହିଁ ବୋଲି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ମଜୁମଦାର କହିଥିଲେ। ଏହାବାଦ୍ ଅନ୍ୟ ଜଳଖିଆ ଦୋକାନ, ହୋଟେଲ ଓ ଫାଷ୍ଟ ଫୁଡ୍ଗୁଡିକରେ ଚେତାବନୀ ସ୍ୱରୂପ ନୋଟିସ୍ ଜାରି କରାଯାଇଛି। ଚଢ଼ାଉ ଖବରପାଇ କେତେଜଣ ଦୋକାନୀ ଦୋକାନ ବନ୍ଦ କରି ଦେଇଥିବା ଦେଖିବାକୁ ମିଳିଥିଲା। ସୋମବାର ଓଳାଭର ବଜାର ବନ୍ଦ ଥିବାରୁ ସେଠାକୁ ଯାଇ ନ ଥିବା ଜଣାପଡିଛି।

# ମୋ କେନ୍ଦ୍ରାପଡ଼ା ଆପ୍ରେ ରହୁ ଅଭିଯୋଗ ଫିଚର

କେନ୍ଦ୍ରାପଡ଼ା, ୧୭ (ଜଗନ୍ନାଥ ଧଳ)-ସାଧାରଣ ନିର୍ବାଚନର ଆଦର୍ଶ ଆଚରଣ ବିଧି ପାଇଁ ମିଳିତ ପ୍ରଶାସନିକ ଶୁଣାଣି ଶିବିର ବନ୍ଦ ରହିଥିଲା। ୪ ମାସ ପରେ ସୋମବାରଠାରୁ ଏହି ଶୁଣାଣି ଶିବିର ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ସହରର ଟାଉନ ହଲ୍ଠାରେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ସିଦ୍ଧାର୍ଥ କାଟାରିଆ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର ପ୍ରଧାନ, ଅତିରିକ୍ତ ଉପଜିଲାପାଳ ଅଶୋକ ଦାସ ଓ ଜିଲା ପ୍ରଶାସନର ପଦାଧିକାରୀ ମୋଟ ୧୬୪ ଅଭିଯୋଗ ପାଇଛନ୍ତି। ଏଥିମଧ୍ୟରୁ ୫୭ଟି ସମାଧାନ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ, ଅଭିଯୋଗ ପତ୍ର ଓ ଏହାର ସମାଧାନ ସମ୍ପର୍କରେ ରାଜ୍ୟ ସରକାରଙ୍କ ଜନଶୁଣାଣି ୱେବ୍ ପୋର୍ଟାଲରେ ଅପ୍ଲୋଡ୍ ହେବ। ତେବେ ଏହି ଜନଶୁଣାଣି ଶିବିରକୁ ବିସ୍ତାରିତ ଓ ସୁଦୂରପ୍ରସାରୀ ପାଇଁ ମୋ କେନ୍ଦ୍ରାପଡ଼ା ଆପ୍‌କୁ ବ୍ୟବହାର କରିବା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏଥିସହ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ପୁନର୍ବାର ଆରମ୍ଭ କରିବା, ଶୁଣାଣି ଶିବିରରେ ସ୍ଥାନୀୟ ବିଧାୟକଙ୍କୁ ସାମିଲ କରିବା ସହ ଅପ୍ଲୋଡ୍ ହେବାକୁ ଥିବା ଅଭିଯୋଗପତ୍ର ଓ ସମାଧାନ ଫର୍ଦ୍ଦକୁ ସାର୍ବଜନୀନ କରାଯିବାକୁ ସେମାନେ ଦାବି କରିଛନ୍ତି।




### ମୋ କେନ୍ଦ୍ରାପଡ଼ା ଆପ୍ଲିକେଶନ ପୁଣି ପ୍ରଚଳନ ହେଉ



୨୦୧୯ ନଭେମ୍ବର ୨୫ରେ ତତ୍କାଳୀନ ଜିଲାପାଳ ସମର୍ଥ ବର୍ମା ଜିଲାର ପ୍ରଶାସନିକ କାର୍ଯ୍ୟର ସ୍ୱଚ୍ଛତା ପାଇଁ ମୋ କେନ୍ଦ୍ରାପଡ଼ା ଆପ୍ଲିକେଶନ ପ୍ରଚଳନ କରିଥିଲେ। ଏଥିରେ ଜିଲାର ଗୁଗଲ ମ୍ୟାପ୍ ସହ ପର୍ଯ୍ୟଟନ ଓ ଐତିହାସିକ ସ୍ଥଳ, କାଇଁଛ, ନାଳିଆ ପତ୍ର, କାଠ, ଟେରାକୋଟା ପରି ହସ୍ତକର୍ମ ସମ୍ପର୍କରେ ଧାରଣା ଦିଆଯିବା ସହ ୭ଟି ବିଭାଗର ୧୩ଟି ଅନ୍ଲାଇନ ସେବା ଜିଲାବାସୀ ସୁଯୋଗ ପାଇଥିଲେ। ସେହିପରି କର୍ମଚାରୀଙ୍କ ଅନୁପସ୍ଥିତି ଆଦି ସମ୍ପର୍କରେ ଜାଣିବାର ସୁଯୋଗ ଥିଲା। ତେବେ ଏହି ଆପ୍ଲିକେଶନର ଇତିମଧ୍ୟରେ ବନ୍ଦ ହୋଇଛି। ମୋ କେନ୍ଦ୍ରାପଡ଼ା ଆପ୍ଲିକେଶନ ପୁନର୍ବାର ଅଣାଯାଇ ଏଥିରେ ଜନଶୁଣାଣି ସମ୍ପର୍କିତ ସମସ୍ତ ବିବରଣୀ ଅପ୍ଲୋଡ୍ କରାଯାଉ। ଫଳରେ ଜିଲାବାସୀ ଉପକୃତ ହୋଇପାରିବେ।

**– ରାଧାକାନ୍ତ ମହାନ୍ତି, ବୁଦ୍ଧିଜୀବୀ, କେନ୍ଦ୍ରାପଡ଼ା**

### ଜନଶୁଣାଣିରେ ରାଜନେତା ସାମିଲ ହୁଅନ୍ତୁ



ଜନଶୁଣାଣି ଶିବିର ବ୍ୟକ୍ତିଗତ ଓ ସାମୂହିକ ସ୍ୱାର୍ଥ ଉଦ୍ଦେଶ୍ୟରେ ହେଉଛି। ଲୋକ ଅଭିଯୋଗପତ୍ର ନେଇ ଜିଲା ପ୍ରଶାସନକୁ ଦେଉଥିଲେ ମଧ୍ୟ କୌଣସି କାରଣରୁ ସଫଳତା କମ୍ ମିଳୁଛି। କେତେଗୋଟି ସାମୂହିକ ଅଭିଯୋଗରେ ରାଜନେତାଙ୍କ ସହଯୋଗ ଲୋଡ଼ା ପଡୁଛି। ପ୍ରଶାସନିକ ଶିବିରରେ ସ୍ଥାନୀୟ ବିଧାୟକଙ୍କୁ ସାମିଲ କରାଯାଇପାରିଲେ ରାଜ୍ୟ ସରକାରଙ୍କ ନିକଟରେ ଏ ସମ୍ପର୍କରେ ସେମାନେ ଦାବି ଉଠାଇପାରିବେ। ଏହାବ୍ୟତୀତ ତୃଣମୂଳ ସ୍ତରର ସମସ୍ୟା ବିଧାୟକଙ୍କ ନଜରକୁ ଆସୁଥିବାରୁ ପ୍ରଶାସନିକ ଅଧିକାରୀଙ୍କ ସହିତ ରାଜନେତା ମଧ୍ୟ ଉତ୍ତରଦାୟୀ ରହିବେ। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ପ୍ରଶାସନିକ ଅଧିକାରୀ ରହୁଥିବାରୁ ଜିଲାସ୍ତରରେ ରାଜନେତା ସାମିଲହେବା ଜରୁରୀ ହୋଇଛି।

**– ପ୍ରଶାନ୍ତ କୁମାର ନାୟକ, ବୁଦ୍ଧିଜୀବୀ, କେନ୍ଦ୍ରାପଡ଼ା**

### ପୁଣି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକାରୀ କରାଯାଉ



ଜନଶୁଣାଣି ଶିବିରକୁ ବାରମ୍ବାର ଅଭିଯୋଗକାରୀ ଆସିବା ଏକ ସାଧାରଣ ଘଟଣା। ଜିଲାର ଗୋଟିଏ ପ୍ରାନ୍ତରୁ ଅପର ପ୍ରାନ୍ତରେ ହେଉଥିବା ଶୁଣାଣି ଶିବିରରେ ପହଞ୍ଚିବା ସମସ୍ତଙ୍କ ନିକଟରେ ସମ୍ଭବପର ନୁହେଁ। ଏଥିପାଇଁ ପ୍ରଶାସନ ପକ୍ଷରୁ ୨୦୨୨ ମସିହାରେ ତତ୍କାଳୀନ ଜିଲାପାଳ ଅମୃତ ଋତୁରାଜ ପ୍ରଥମ ଥର ପାଇଁ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରତି ବ୍ଲକ୍ ଅଞ୍ଚଳର ଗୋଟିଏ ପଞ୍ଚାୟତରେ ଏହି ଶିବିର ଅନୁଷ୍ଠିତ ହେଉଥିବାରୁ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି ହୋଇପାରୁଥିଲା। ଶିବିର ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ରହିଥିବା ବେଳେ ଏବେ ଏହାକୁ ବନ୍ଦ କରିବା ଅର୍ଥ ଲୋକଙ୍କୁ ପ୍ରଶାସନିକ ଅଧିକାରୀଙ୍କଠାରୁ ଦୂରରେ ରଖାଯାଉଛି।

**– ଗୌତମ କୁମାର ବେହେରା, ସାମାଜିକ କର୍ମୀ, ପଟ୍ଟାମୁଣ୍ଡାଇ**

### ସମାଧାନ ବିବରଣୀ ସାର୍ବଜନୀନ ହେଲେ ସ୍ୱଚ୍ଛତା ଆସିବ



ଅଭିଯୋଗ ପତ୍ରଗୁଡ଼ିକ ରାଜ୍ୟ ସରକାରଙ୍କ ଜନଶୁଣାଣି ୱେବ୍ ପୋର୍ଟାଲରେ ଅପ୍ଲୋଡ୍ ହେଉଛି। ହିତାଧିକାରୀଙ୍କ ସୂଚନା ପାଇଁ ମାତ୍ର ଗୋଟିଏ ମୋବାଇଲ ନମ୍ବର ରହୁଛି। ସାମୂହିକ ଅଭିଯୋଗର ସୂଚନା ଏହାଦ୍ୱାରା ସମସ୍ତଙ୍କୁ ମିଳିପାରିବ ନାହିଁ। ସେହିପରି ଜିଲାରେ ହୋଇଥିବା ଅଭିଯୋଗ ଓ ସମାଧାନ ସମ୍ପର୍କରେ ସମସ୍ତ ବିବରଣୀ ଅପ୍ଲୋଡ୍ କରାଯାଇ ସାର୍ବଜନୀନ କରାଯାଉ। ଫଳରେ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଆସିବା ସହ ତୃଣମୂଳସ୍ତରରେ ଶିବିରର ସଫଳତା ପହଞ୍ଚିପାରିବ

**– ଶୁଭାଶିଷ ଷଡ଼ଙ୍ଗୀ, ସାମାଜିକ କର୍ମୀ, ରାଜକନିକା**

### ଜନଶୁଣାଣି ଶିବିର ବ୍ୟାପକ କରିବାକୁ ପ୍ରଚାର ହେଉଛି



ମୋ କେନ୍ଦ୍ରାପଡ଼ା ଆପ୍ଲିକେଶନ ଇତିମଧ୍ୟରେ ବନ୍ଦ ହୋଇଛି। ଏହାର କାରଣ ସମ୍ପର୍କରେ ତର୍ଜମା ହେବ। ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ପୁନର୍ବାର ଜାରି ରଖିବା ପାଇଁ ଅନୁଧ୍ୟାନ କରାଯାଉଛି। ଖୁବଶୀଘ୍ର ଏ ନେଇ ଜିଲାବାସୀଙ୍କୁ ସୂଚନା ମିଳିବ। ଜନଶୁଣାଣି ଶିବିରକୁ ବ୍ୟାପକ କରିବାକୁ ପ୍ରଚାରପ୍ରସାର ହେଉଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଶିବିର ପରିଚାଳନା କରାଯାଉଛି। ବିଧାୟକଙ୍କୁ ସାମିଲ କରିବାକୁ ନେଇ କୌଣସି ଚିଠି ଆସିନାହିଁ।

**– ପୀତାମ୍ବର ସାମଲ, ଏଡିଏମ୍, କେନ୍ଦ୍ରାପଡ଼ା**

# ଜଙ୍ଗଲ ନିଆଁ ଲିଭାରେ ଦୁର୍ନୀତି ଅଭିଯୋଗ

ନୟାଗଡ଼,୧୭ (ଲୋକନାଥ ମିଶ୍ର)

ନୟାଗଡ଼ ବନଖଣ୍ଡ ମହୀପୁର ରେଞ୍ଜରେ ଜଙ୍ଗଲ ନିଆଁ ଲିଭାରେ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିଛି। ୫ ବର୍ଷରେ ୭୯ ଲକ୍ଷ ୨୦ ହଜାର ୭୫୦ ଟଙ୍କା ଜଙ୍ଗଲ ନିଆଁ ପାଇଁ ବନବିଭାଗ ଖର୍ଚ୍ଚ କରିବା ଆରଟିଆଇରେ ସୂଚନା ମିଳିବା ପରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜଙ୍ଗଲ ନିଆଁ ଲିଭାକୁ ବନ ବିଭାଗ କର୍ମଚାରୀଙ୍କ ଅଣଦେଖାକୁ ଅନୁଧ୍ୟାନ କଲେ ସରକାରୀ ଅନୁଦାନ ଅପବ୍ୟୟ ହୋଇଥିବା ସ୍ପଷ୍ଟ ହୋଇଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ସରକାର ଜଙ୍ଗଲ ନିଆଁକୁ ରୋକିବାକୁ ପ୍ରତିବର୍ଷ ଗୁରୁତ୍ୱ ଦେଉଥିଲେ ହେଁ ବନ ବିଭାଗ ଜିଲାବାସୀଙ୍କ ସହଯୋଗ ନେଉନାହିଁ। ପୁଣି ପ୍ରତିବର୍ଷ ଜଙ୍ଗଲ ନିଆଁ ରୋକିବାକୁ ଅନୁଷ୍ଠିତ ବୈଠକକୁ ଜାଣିଶୁଣି ଗଣମାଧ୍ୟମର ପ୍ରତିନିଧିଙ୍କୁ ଡକାଯାଉନାହିଁ।

ମହୀପୁର ରେଞ୍ଜ ସମେତ ନୟାଗଡ଼ ବନଖଣ୍ଡରେ ଗ୍ରୀଷ୍ମ ଋତୁରେ ମନୁଷ୍ୟକୃତ ନିଆଁର ଭୟାବହତା ଚିନ୍ତାର କାରଣ ପାଲଟିଛି। ଜଙ୍ଗଲରେ ନିଆଁ ଲାଗିଲେ ସ୍ଥାନୀୟ ଲୋକ ବନ ବିଭାଗକୁ ଖବର ଦେଲେ ଅଧିକାଂଶ ସ୍ଥାନରେ ଅଭିଯୋଗ ଆସୁଛି ବନ ବିଭାଗର କର୍ମଚାରୀ ବିଳମ୍ବରେ ପହଞ୍ଚୁଛନ୍ତି। ବେଳେବେଳେ ବନ କର୍ମଚାରୀ ନିଆଁ ଲିଭାଇବାକୁ ଆସୁ ନ ଥିବା ମଧ୍ୟ ଅଭିଯୋଗ ରହିଛି। ଅନ୍ୟପକ୍ଷେ କେଉଁଠି ବନ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରି ସ୍ଥାନୀୟ ଲୋକ ନିଆଁ ଲିଭାଉଛନ୍ତି। ବନ ବିଭାଗର ଅବହେଳା ଯୋଗୁ ବନାଗ୍ନି ଜଙ୍ଗଲର କ୍ଷୟକ୍ଷତି ବଢ଼ାଇ ଚାଲିଛି। ବନ ବିଭାଗର କର୍ମଚାରୀ ଓ ଅମାନିଆ ନିଆଁ ଲଗାଳି ମାନସିକତାରେ ପରିବର୍ତ୍ତନ ଆଣୁ ନ ଥିବାରୁ ନିଆଁ ଲାଗି ଜଙ୍ଗଲ ପୋଡି ପାଉଁଶ ହୋଇଯାଇଛି। ଏଭଳିସ୍ଥଳେ ଜଙ୍ଗଲ ନିଆଁ


ଜଙ୍ଗଲରେ ନିଆଁ ଲିଭାର ଫାଇଲ ଫଟୋ।

**ନୟାଗଡ଼ ବନଖଣ୍ଡ ମହୀପୁର ରେଞ୍ଜ**
- ୫ ବର୍ଷରେ ୭୯.୨୦ ଲକ୍ଷ ଖର୍ଚ୍ଚ ପରେ ଉଠିଲା ସନ୍ଦେହ
- ସରକାରୀ ଅନୁଦାନ ଅପବ୍ୟୟ ପରେ ଭିଜିଲାନ୍ସ ତଦନ୍ତ ଦାବି
- ନିଆଁ ଲିଭାରେ ବନ କର୍ମଚାରୀଙ୍କ ଅଣଦେଖା

ଲିଭାଇବା ପାଇଁ ମହୀପୁର ରେଞ୍ଜ ପକ୍ଷରୁ ୨୦୨୦ମସିହାରେ ରେ ୭ ଲକ୍ଷ ୮୦ ହଜାର ୧୪୦, ୨୦୨୧ରେ ୧୧ ଲକ୍ଷ ୬ ହଜାର ୪୧୪, ୨୦୨୨ରେ ୧୭ ଲକ୍ଷ ୯୭ ହଜାର ୨୦୭, ୨୦୨୩ରେ ୨୦ ଲକ୍ଷ ୫୨ ହଜାର ୧୯୯, ୨୦୨୪ରେ ୨୧ ଲକ୍ଷ ୮୪ ହଜାର ୭୯୦ ଟଙ୍କା ଏପରି ମୋଟରେ ୭୯ ଲକ୍ଷ ୨୦ ହଜାର ୭୫୦ ଟଙ୍କା ଖର୍ଚ୍ଚ ହୋଇଛି।

ଏ ନେଇ ପରିବେଶବିତ୍ ଓ ସାମାଜିକ କର୍ମୀ ସ୍ୱାମୀ ହରି ଶରଣ ମହାରାଜ କହିଛନ୍ତି, ବଣପାହାଡ଼ ଘେରା ନୟାଗଡ଼ ଜିଲାରେ ଜଙ୍ଗଲ ପୋଡ଼ ଚିନ୍ତାର କାରଣ ପାଲଟିଛି। ପୁଣି ଜଙ୍ଗଲ ପୋଡ଼ି ସମୟରେ ବନ ବିଭାଗର ସହଯୋଗ ମିଳୁ ନ ଥିବା ଓ ଲୋକ ଦେଖାଣିଆ ପାଟ୍ରୋଲିଂ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏଭଳିସ୍ଥଳେ ଜଙ୍ଗଲ ପୋଡ଼ି ପାଇଁ ବନ ବିଭାଗ କରୁଥିବା ଖର୍ଚ୍ଚକୁ ଅନୁଧ୍ୟାନ କଲେ କାଗଜ ଚାଷ କରି ସରକାରୀ ଟଙ୍କାରେ ଅନିୟମିତତା କରାଯାଉଥିବା ଆଲୋଚନା ହେଉଛି। ବନ ବିଭାଗ ଜଙ୍ଗଲ ପୋଡିରେ ଖର୍ଚ୍ଚ କରୁଥିବା ଅର୍ଥକୁ ସାଧାରଣ ଲୋକ ଜାଣିବା ପାଇଁ ସୁଯୋଗ ଦେବା ଦରକାର। ଏଥିରେ ସ୍ୱଚ୍ଛତା ରଖା ଯାଉ ନ ଥିବାରୁ ଅନିୟମିତତା ଅଭିଯୋଗ ହେବା ସ୍ୱାଭାବିକ। ସରକାର ଜଙ୍ଗଲ ପୋଡ଼ିକୁ ରକ୍ଷା ପାଇଁ ଗୁରୁତ୍ୱ ଦେଉଥିବାବେଳେ ଜଙ୍ଗଲ ପୋଡ଼ି କ୍ଷେତ୍ରରେ ବନ ବିଭାଗର ସରକାରୀ ଅନୁଦାନ ଖର୍ଚ୍ଚ ଉପରେ ସନ୍ଦେହ ଉଠିଛି। ଯାହାକି ତଦନ୍ତ ସାପେକ୍ଷ ବୋଲି ସେ ମତପ୍ରକାଶ କରିଛନ୍ତି। ନୟାଗଡର ସୁଦାମ ଚରଣ ମାଝି, ଖଣ୍ଡପଡ଼ାର ଉଦ୍ଧବ ସ୍ୱାଇଁ, ନୂଆଗାଁର ମଙ୍ଗୁଳି ନାୟକ କହିଛନ୍ତି, ଜଙ୍ଗଲ ନିଆଁ ଲିଭାରେ କେତେ ଖର୍ଚ୍ଚ ହେଉଛି ସାର୍ବଜନିନ କରଣ କରାଯିବା ଦରକାର। ତେବେ ଏଥିରେ ଭଲ ଲାଭ ଥିବାରୁ ବନ ବିଭାଗ ସ୍ୱଚ୍ଛତା ଅବଲମ୍ବନ କରୁ ନାହାନ୍ତି। ଜଙ୍ଗଲ ନିଆଁ ସରକାର ଓ ସାଧାରଣ ଲୋକଙ୍କ ପାଇଁ ଚିନ୍ତା ବଢ଼ାଇ ଦେଇଥିବାବେଳେ ବନ କର୍ମଚାରୀଙ୍କ କାମ ବିଭାଗର ସ୍ୱଚ୍ଛତାକୁ ପଦାରେ ପକାଇଛି। ଅନ୍ୟପକ୍ଷେ ମହୀପୁର ରେଞ୍ଜରେ ଜଙ୍ଗଲ ନିଆଁର ଖର୍ଚ୍ଚକୁ ଦେଖିଲେ ବନ ବିଭାଗର କାର୍ଯ୍ୟ ସନ୍ଦେହ ଘେରକୁ ଆସୁଛି। ଏଣୁ ନିଆଁ ଲିଭା ଘଟଣାରେ ଖର୍ଚ୍ଚ ହୋଇଥିବା ଅନୁଦାନର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ଦରକାର। ଏ ସମ୍ପର୍କରେ ମହୀପୁର ରେଞ୍ଜର ଅମିତ୍ କୁମାର ସାହୁଙ୍କୁ ପଚାରିବାରେ ନିଆଁ ଲିଭା ଲାଗି ଯେଉଁ ଅର୍ଥ ଖର୍ଚ୍ଚ କରାଯାଇଛି, ଏଥିରେ କୌଣସି ଅନିୟମିତା ହୋଇନାହିଁ ବୋଲି ସେ କହିଛନ୍ତି।

### ମନୁଷ୍ୟକୃତ ନିଆଁ

ଜଙ୍ଗଲରେ ଲାଗୁଥିବା ନିଆଁର ବିଭିନ୍ନ ରୂପ ଥିବାବେଳେ ଏହା ମନୁଷ୍ୟକୃତ। ଜଙ୍ଗଲରେ ଲାଗୁଥିବା ନିଆଁର କାରଣ ଜାଣିବା ଉଦ୍ଦେଶ୍ୟରେ ଧରପଗଡ଼ ପାଇଁ ବନ ବିଭାଗର ପଦକ୍ଷେପ ଓ ପାଟ୍ରୋଲିଂ ଉପରେ ପ୍ରଶ୍ନ ଉଠିଛି। ଶିକାରୀ ଜଙ୍ଗଲରେ ନିଆଁ ଲଗାଇ ଶିକାର ଅପେକ୍ଷାରେ ଲୁଚି ରହି ଶିକାର କରେ। ସେହିପରି ଅଙ୍ଗାର ପାଇଁ ଜଙ୍ଗଲରେ ନିଆଁ ଲଗାଯାଏ। ମହୁଲ ଓ କେନ୍ଦୁପତ୍ର ସଂଗ୍ରହ ବେଳେ ମଧ୍ୟ ନିଆଁ ଲଗାଯାଉଛି। ପୁଣି ଜଙ୍ଗଲରେ ଭୋଜି କରିବା ସମୟରେ ନିଆଁ ଲିଭା ଯାଇ ନ ଥାଏ। ଅନ୍ୟପକ୍ଷେ ବିଡି, ସିଗାରେଟ ଖାଉଥିବା କେତେଜଣ ବ୍ୟକ୍ତି ନିଆଁ ନ ଲିଭାଇ ଜଙ୍ଗଲ ଭିତରକୁ ଫୋପାଡି ଦେବା ଦ୍ୱାରା ନିଆଁ ଲାଗେ। ଆଉ କିଛି ଲୋକ ମଜା ଦେଖିବା ପାଇଁ ଜଙ୍ଗଲରେ ନିଆଁ ଲଗାଇ ଦେଇଥାନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ କମ୍ରେଶ


@ ସଞ୍ଜୀବ


@ ସ୍ୱାଧୀନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ୨ ବାଇକ୍ ମୁହାଁମୁହିଁ, ଜଣେ ମୃତ

ପୋଲସରା,୧୭ (ସୁବ୍ରତ ବେହେରା)

ପୋଲସରା ଠାରୁ ଦେଢ଼ କିଲୋମିଟର ଦୁର କୋଙ୍କରଡା ଛକଠାରେ ସୋମବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଜଣ ଗୁରୁତର ଆହାତ ହୋଇଛନ୍ତି। ମୃତକ ଜଣକ ହେଲେ ଶଙ୍କର ନାହାକ (୨୮)। କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୁଢ଼ାମ୍ଭ ଗ୍ରାମର ଶଙ୍କର ନାହାକ ଏବଂ କୋଦଳା ଥାନା ଅନ୍ତର୍ଗତ ମାଟିପଡ଼ା ଗାଁର ରାଜୁ ଦାସ ଓ ସାଗର ନାହାକ କୌଣସି କାମରେ ପୋଲସରା ଆସୁଥିବା ସମୟରେ କୋଙ୍କରଡା ଛକଠାରେ ଉଭୟ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେମାନେ ଗୁରୁତର ଆହାତ ହୋଇଥିଲେ। ସମସ୍ତଙ୍କୁ ଆହତ ଅବସ୍ଥାରେ ସ୍ଥାନୀୟ ଲୋକ ସହିତ ଭାଜପା ଘୁମୁସର ଜିଲା ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ ଉଦ୍ଧାର କରି ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପରେ ସେମାନଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବ୍ରହ୍ମପୁର ନେବା ରାସ୍ତାରେ ଶଙ୍କରଙ୍କ ମୃତ୍ୟୁ ଘଟିଥିଲା।

## ନୂଆ ଆଇନ ଲାଗୁ ପରେ ସଚେତନତା


ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ସ୍ୱାଧାଦେବ ସିଂ, ଏସ୍‌ପି ରାହୁଲ ଜୈନ ଓ ଅନ୍ୟମାନେ।

ନୟାଗଡ଼,୧୭ (ଲୋକନାଥ ମିଶ୍ର)

ସୋମବାର ଦେଶରେ ଲାଗୁ ହେଲା ନୂଆ ଆଇନ। ମଧ୍ୟ ରାତ୍ରରୁ ଭାରତୀୟ ନ୍ୟାୟ ସହିଂତା, ଭାରତୀୟ ନାଗରିକ ସୁରକ୍ଷା ସହିଂତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ ଆଦି ୩ଟି ଆଇନ ଲାଗୁ ହୋଇଛି। ନୂଆ ଆଇନ ଅନୁସାରେ ଶୁଣାଣି ଶେଷ ହେବାର ୪୫ ଦିନ ଭିତରେ ରାୟ ପ୍ରକାଶ ପାଇବ। ପ୍ରଥମ ଶୁଣାଣିର ୬୦ ଦିନ ଭିତରେ ଚାର୍ଜଫ୍ରେମ ହେବ। ବ୍ୟକ୍ତିଗତ ଭାବେ ହାଜର ନ ହୋଇ ଇଲୋକ୍ଟ୍ରୋନିକ୍ସ ମାଧ୍ୟମରେ ଏଫ୍‌ଆଇଆର୍ କରିହେବ। ଜିରୋ ଏଫ୍‌ଆଇଆର୍, ନାଗରିକ ସୁରକ୍ଷା ଓ ଅଧିକାର ଆଇନରେ ଗୁରୁତ୍ୱ ରହିଛି। ଦଣ୍ଡ ନୁହେଁ ଲୋକଙ୍କୁ ନ୍ୟାୟ ଦେବା ଉପରେ କାର୍ଯ୍ୟ କରିବ ନ୍ୟାୟ ବ୍ୟବସ୍ଥା। ଆଇନର କାର୍ଯ୍ୟକାରିତା ଉପରେ ସଚେତନତା ନେଇ ଏ ଅବସରରେ ସୋମବାର ଅପରାହ୍ନରେ ନୟାଗଡ଼ ଜିଲା ପରିଷଦର ସୃଜନ ସଭାଗୃହରେ ନୟାଗଡ଼ ଏସ୍‌ପି ରାହୁଲ ଜୈନ୍‌ଙ୍କ ସଭାପତିତ୍ୱରେ ଭାରତରେ ନୂତନ ଆପରାଧିକ ଆଇନର କାର୍ଯ୍ୟକାରିତା ଉପରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୈଠକରେ ସୂଚନା ଅନୁସାରେ, ପ୍ରତ୍ୟେକ ପୀଡ଼ିତାଙ୍କୁ ସୁନିଶ୍ଚିତ ନ୍ୟାୟ ପ୍ରଦାନ, ମହିଳା ଓ ଶିଶୁଙ୍କ ସୁରକ୍ଷାକୁ ପ୍ରାଧାନ୍ୟ, ଦ୍ୱରିତ୍ ନ୍ୟାୟ ପାଇଁ ଠିକ୍ ସମୟରେ ମାମଲାର ବିଚାର, ଅନଲାଇନ୍‌ରେ ଏଫ୍‌ଆଇଆର କରିବାର ସୁବିଧା, ଡିଜିଟାଲ ପ୍ରମାଣର ବ୍ୟବହାର, ଏବଂ ସଙ୍ଗଠିତ ଅପରାଧ ଇତ୍ୟାଦି ଅପରାଧିକ ଆଇନର ଅନ୍ତର୍ଭୁକ୍ତ କରାଯାଇଛି। ଇଣ୍ଡିଆନ୍ ପେନାଲକୋଡ୍ ୧୮୬୦ ବଦଳରେ ଭାରତୀୟ ନ୍ୟାୟ ସଂହିତା, କୋଡ୍‌ଅଫ କ୍ରିମିନାଲ ପ୍ରୋସିଜିୟର ୧୯୭୩ ବଦଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଏବଂଇଣ୍ଡିଆନ୍‌ଏଭିଡେନସି ଆକ୍ଟ ୧୮୭୨ ବଦଳରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପରେ ଜୁଲାଇ ୧ ସମଗ୍ର ଦେଶରେ ଲାଗୁ କରାଯାଇଛି। ବୈଠକରେ ନୟାଗଡ଼ର ସରକାରୀ ଓ ବେସରକାରୀ ଅଧିବକ୍ତା, ବରିଷ୍ଠ ନାଗରିକ, ପୋଲିସ ପ୍ରଶାସନ, ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁବାସ ଚନ୍ଦ୍ର ପଣ୍ଡା ସଭା ସଂଯୋଜନା କରିଥିଲେ। ଉପ ଆରକ୍ଷୀ ଅଧୀକ୍ଷକ (ସହରାଞ୍ଚଳ)ଙ୍କ ଧନ୍ୟବାଦ ଅର୍ପଣ ପରେ ଜାତୀୟ ସଙ୍ଗୀତ ଗାନ କରାଯାଇ ସଭା ସାଙ୍ଗ କରାଯାଇଥିଲା।

## ୭୫ ତମ ବନ ମହୋତ୍ସବ ପାଳିତ

ନୂଆଗାଁ, ୧୭ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହୀପୁର ବନାଞ୍ଚଳ ମହିତମା ସେକ୍ସନ ପକ୍ଷରୁ ସୋମବାର ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହିତମା ସେକ୍ସନ ବେଲବଣି ଗ୍ରାମ୍ୟ ଜଙ୍ଗଲ ଜମିରେ ଚାରା ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ନିମ, କରଞ୍ଜ, ଶିଶୁ, ପାରୁଳି ଭଳି ମୁଲ୍ୟବାନ ପ୍ରାୟ ୧୬୦୦ ଚାରା ରୋପଣ କରାଯାଇଛି। ତେବେ ବନ ମହୋତ୍ସବ ପାଳନ କରିବା ପରେ ଚାରା ରୋପଣ କାର୍ଯ୍ୟ ଆରମ୍ଭ କରାଯାଇଥାଏ। ତେଣୁ ଜନସାଧାରଣ କିଭଳି ସୁବିଧାରେ ଚାରା ନେଇ ରୋପଣ କରି ପାରିବେ ସେ ନେଇ ବନ ବିଭାଗ ପକ୍ଷରୁ ବ୍ଲକ ଛକ ନିକଟରେ ଚାରା ବିକ୍ରୟ କେନ୍ଦ୍ର ଖୋଲା ଯିବାର ବ୍ୟବସ୍ଥା କରାଯାଇଛି। ଚାରା ପ୍ରତି ୧ ଟଙ୍କା ଦରରେ ଜନସାଧାରଣ ଚାରା କିଣି ରୋପଣ କରି ସବୁଜ ପରିବେଶ ସୃଷ୍ଟି କରିବା ସହ ପରିବେଶ ସନ୍ତୁଳନ ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ବନପାଳ ମୀନକେତନ ନାୟକ କହିଛନ୍ତି। ବନ ମହୋତ୍ସବ କାର୍ଯ୍ୟକ୍ରମରେ ମହୀପୁର ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ଅମ୍ରିତ କୁମାର ସାହୁ, ବନପାଳ ନାୟକ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଓ ବନ ସଂରକ୍ଷଣ ସମିତିର ସଭାପତି ଉପସ୍ଥିତ ରହି ଚାରା ରୋପଣ କରିଥିଲେ।


ବନ ମହୋତ୍ସବରେ ଚାରା ରୋପଣ କରାଯାଉଛି।

## ଦିନବେଳା ହାଇୱା ଚଳାଚଳ ଉପରେ କଟକଣା ଲାଗୁ କରାଯାଉ

ଖଣ୍ଡପଡ଼ା,୧୭(ଅଜୟ କୁମାର ମହାରଣା)

ଦୀର୍ଘବର୍ଷ ହେଲା ଶତାଧିକ ହାଇୱା ଖଣ୍ଡପଡା, କଣ୍ଟିଲୋ, ଭାପୁର ଅଞ୍ଚଳ ଦେଇ ବିଭିନ୍ନ ସ୍ଥାନକୁ ଯାତାୟାତ କରୁଛି। ଅଣଓସାରିଆ, ଜନଗହଳିପୂର୍ଣ୍ଣ ରାସ୍ତାରେ ଭାରିଯାନଗୁଡିକ ଅବାଧରେ ଚଳାଚଳ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷୟକ୍ଷତି ହେଉଥିଲେ ହେଁ ଏଥିପ୍ରତି ପ୍ରଶାସନିକ ଅଧିକାରୀମାନଙ୍କ ନଜର ନ ଥିବା ପରି ମନେ ହେଉଛି। ଗତ ୩ବର୍ଷ ତଳେ ତତ୍କାଳୀନ ନୟାଗଡ଼ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ହାଇୱାଗୁଡିକ ରାତି ୧୦ଟାରୁ ସକାଳ ୭ଟା ମଧ୍ୟରେ ରାସ୍ତାରେ ଚଳାଚଳ କରୁଥିଲା। ଫଳରେ ଦୁର୍ଘଟଣାର ଆଶଙ୍କା ସେତେଟା ନ ଥିଲା। ଏବେ ଦିନବେଳା ଜନଗହଳିପୂର୍ଣ୍ଣ ରାସ୍ତାରେ ଭାରିଯାନଗୁଡ଼ିକ ଅବାଧରେ ଚଳାଚଳ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଖଳିସାହି, ବାହାଡା, କଣ୍ଟିଲୋ ବଜାରରେ ଜନସାଧାରଣଙ୍କ ଯାତାୟାତ ନିମନ୍ତେ ସମସ୍ୟା ସୃଷ୍ଟି ହେଉଛି। ଏ ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲା ପ୍ରଶାସନ ପକ୍ଷରୁ ନୀତି ନିୟମ ଓ କଟକଣା କୋହଳ ହେବା ପରେ ଦିନ ବେଳା ଓ ସନ୍ଧ୍ୟା ସମୟରେ ବାଲି, ମେଟାଲ ଓ ଚିପସ ବୋଝେଇ କରି ହାଇୱାଗୁଡିକ ରାସ୍ତାରେ ଚଳପ୍ରଚଳ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପୂର୍ବ ପରି ରାତି ୧୦ଟା ପରଠାରୁ ସକାଳ ୭ଟା ମଧ୍ୟରେ ହାଇୱା ଗୁଡିକ ଚଳାଚଳ କରିବା ନିମନ୍ତେ କଟକଣା ଲାଗୁ କରିବାକୁ ଖଣ୍ଡପଡ଼ା ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ନୟାଗଡ଼ ଏସ୍‌ପିଙ୍କ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବାଘ ଛାଲ ଜବତ, ଜଣେ ଗିରଫ

ନୟାଗଡ଼/ଦଶପଲ୍ଲା,୧୭
(ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ରବିବାର ନୟାଗଡ଼ ଜିଲାର ଦଶପଲ୍ଲା-ଭଞ୍ଜନଗର ରାସ୍ତା ଉପରେ ଏସ୍‌ଟିଏଫ ଚଢ଼ାଉ କରି ଗୋଟିଏ ବାଘ ଛାଲ ଜବତ କରିଛି। ବାଘ ଛାଲ ବିକ୍ରି ପାଇଁ ଡିଲ ହେଉଥିବାବେଳେ ଅଭିଯୁକ୍ତ ଦଶପଲ୍ଲା ଥାନା ହରିଡାବାରି ଗାଁର ବୈକୁଣ୍ଠ ବେହେରାଙ୍କୁ ଗିରଫ କରି ନିଜ ହେପାଜତକୁ ନେଇ ତଦନ୍ତ କରୁଛି। ତେବେ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଦର୍ଶାଇ ତଥ୍ୟ ଦିଆଯାଇନାହିଁ।


ଏସ୍‌ଟିଏଫ ଜବତ କରିଥିବା ବାଘ ଛାଲ।

## ନିର୍ମାଣର ୫ବର୍ଷ ପରେ ମଧ୍ୟ କାର୍ଯ୍ୟକ୍ଷମ ହେଉନି

ଖଣ୍ଡପଡ଼ା,୧୭ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋସ୍ଥିତ କୁଞ୍ଜ ବିହାରୀ ବାଳିକା ବିଦ୍ୟାଳୟ ପରିସରରେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ନିର୍ମିତ ହୋଇଥିବା ଏକ ଅନୁସୂଚିତ ଛାତ୍ରୀ ନିବାସ ଗୃହ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉ କି, ଅନୁସୂଚିତ ଛାତ୍ରୀମାନଙ୍କ ରହିବା, ଖାଇବା ଓ ପଢିବାର ମହତ ଲକ୍ଷ୍ୟ ନେଇ ୨୦୧୯ ରେ ନୀଳମାଧବ ଜୀଉ ପର୍ଯ୍ୟଟନ ପୀଠ କଣ୍ଟିଲୋରେ ଥିବା ଏକମାତ୍ର ବାଳିକା ଉଚ୍ଚ ବିଦ୍ୟାଳୟ(କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ) ପରିସରରେ ପ୍ରାୟ ୭୪ ଲକ୍ଷ ଟଙ୍କା ବ୍ୟୟରେ ଏକ ଅନୁସୂଚିତ ଛାତ୍ରୀ ଆବାସ ଗୃହ ନିର୍ମାଣ କରାଯାଇଛି। ତେବେ ପ୍ରଶାସନିକ ଉଦାସୀନତା ଯୋଗୁ ସମ୍ପୃକ୍ତ ଛାତ୍ରୀ ନିବାସ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ଉକ୍ତ ଛାତ୍ରୀ ନିବାସରେ ୧୦୦ଜଣ ଛାତ୍ରୀ ରହିବା ଓ ଖାଇବାର ବିଧି ବ୍ୟବସ୍ଥା ରହିଛି। ମାତ୍ର ଛାତ୍ରୀ ନିବାସଟି କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଏହି ଅବ୍ୟବହୃତ ଗୃହ ମଧ୍ୟରେ ଉଇ ଲାଗି ନଷ୍ଟ ହେଉଥିବା ବେଳେ ଏହାର ଚତୁଃପାର୍ଶ୍ୱ ବିଭିନ୍ନ ଗଛଲତାରେ ପରିପୂର୍ଣ୍ଣ ହୋଇଛି। ଅପରପକ୍ଷରେ ଉକ୍ତ ଗୃହକୁ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ବେଳେ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ହୋଇନାହିଁ। ଯଦିଓ ବୋରୱେଲ କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହି ଛାତ୍ରୀ ନିବାସରେ ସ୍ଥାନୀୟ ଅଞ୍ଚଳ ସହ ନିକଟସ୍ଥ ବଡବାଣପୁର ବସନ୍ତ କୁମାର ବିଦ୍ୟାପୀଠ, ସିଧାମୂଳା ଗୋଲୁଳାନନ୍ଦ ଜୀଉ ବିଦ୍ୟା ମନ୍ଦିର, କଳପଙ୍ଗି ଓ ଧାନଚେଙ୍ଗଡା ହାଇସ୍କୁଲରୁ ଛାତ୍ରୀମାନେ ଏହି ଛାତ୍ରୀ ନିବାସରେ ରହି ପାଠ ପଢିବାର କାର୍ଯ୍ୟକ୍ରମ ଚାଲିଛି। ବିଗତବର୍ଷରେ କୋଭିଡ କଟକଣା ଯୋଗୁ ଅଭିଭାବକମାନେ ଛାତ୍ରୀ ନିବାସକୁ ପିଲାମାନଙ୍କୁ ଛାଡିବାକୁ ଉଚିତ ମଣି ନ ଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟ ଚାଲୁ କରିବାରେ ପ୍ରଶାସନିକ କ୍ଷେତ୍ରରେ ସେତେଟା ଆଗ୍ରହ ସୃଷ୍ଟି ହୋଇ ନ ଥିଲା। ଫଳରେ ଉକ୍ତ ଛାତ୍ରୀ ନିବାସ ବନ୍ଦ ରହିଥିବା ଜଣାଯାଇଛି। ଇତି ମଧ୍ୟରେ ସମ୍ପୃକ୍ତ ଗୃହରେ ବିଦ୍ୟୁତ୍ ୱାରିଙ୍ଗ ହୋଇଥିବା ବେଳେ ଅବ୍ୟବହୃତ ଗୃହ ମଧ୍ୟରେ ସେ


ଅନୁସୂଚିତ ଛାତ୍ରୀ ନିବାସ ଗୃହ କାର୍ଯ୍ୟକ୍ଷମ ହେଉନାହିଁ।

**ଅନୁସୂଚିତ ଛାତ୍ରୀ ନିବାସ ଗୃହ**

ସବୁ ୱାରିଙ୍ଗଗୁଡିକ ନଷ୍ଟ ହେବାରେ ଲାଗିଛି। ଏଠାରେ ଛାତ୍ରୀମାନେ ସୁରକ୍ଷିତ ରହିବା ଅସମ୍ଭବ ହୋଇ ପଡିଛି। ତେବେ ଗତବର୍ଷ ନୟାଗଡ଼ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ଓ ଅତିରିକ୍ତ ସମାଜ ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ କୁମାର ପୃଷ୍ଟି କଣ୍ଟିଲୋ ଗସ୍ତରେ ଆସି କୁଞ୍ଜ ବିହାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ଫେରିଥିବା ବେଳେ ଏଯାବତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରେ ଦୀର୍ଘ ୫ ବର୍ଷ ତଳୁ ନିର୍ମିତ ଛାତ୍ରୀ ଆବାସ ଗୃହଟିର ଚତୁଃପାର୍ଶ୍ୱ ଗଛ ଲତାରେ ପୂର୍ଣ୍ଣ ହୋଇଥିବା ବେଳେ ଗୃହ ମଧ୍ୟରେ ଉଇ ଲାଗି ନଷ୍ଟ ହେବାକୁ ବସିଲାଣି। ଗୃହର ଏପରି ଅବସ୍ଥା ଦେଖି କୌଣସି ଅଭିଭାବକ ସେମାନଙ୍କ ପିଲାଙ୍କୁ ଏଠାକୁ ଛାଡିବାକୁ ଉଚିତ ମଣୁ ନାହାନ୍ତି। ସମ୍ପୃକ୍ତ ଗୃହଟିକୁ ସମ୍ପୂର୍ଣ୍ଣ ବାସପୋଯୋଗୀ କରାଯାଇ ପିଲାମାନଙ୍କର ରହିବା ବ୍ୟବସ୍ଥା କରାଯିବାକୁ ପ୍ରଶାସନିକ ସ୍ତରରେ ପ୍ରୟାସ ହେବା ଆବଶ୍ୟକ ବୋଲି ସେ କହିଛନ୍ତି।

